# ଝାଡ଼ାବାନ୍ତିରେ ଗଡ଼ିଲା ପ୍ରଥମ ମୁଣ୍ଡ

## ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ ଓ ଯୋଗାଇ ଦିଆଗଲା ପାନୀୟ ଜଳ

## ଗତବର୍ଷ ୭ ଜଣଙ୍କର ମୃତ୍ୟୁ ହୋଇଥିଲା

କଣାସ,୧୪।୨(ସମିସ)

୨୦୨୫ ଜାନୁଆରୀ ୩ ତାରିଖ ଦିନ ଦୟା ନଦୀର ଦୂଷିତ ଜଳପିଇ କଣାସ ବ୍ଲକ୍ ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା। ଏହି ଝାଡ଼ାବାନ୍ତି ଧୀରେ ଧୀରେ ପାଖ ଗ୍ରାମ ନଈକୂଳପାଟଣା, ଗଡ଼ିଶାଗୋଦା, ଜାଗୁଳେଇପଦର, ଗୋପୀନାଥପୁର, କଳାପଦର ଆଖପାଖ ଗ୍ରାମକୁ ବ୍ୟାପୀ ଦୀର୍ଘ ଦୁଇ ମାସ କାଳ ଝାଡ଼ାବାନ୍ତି ଲାଗି ରହି ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଯାହାଫଳରେ କି ରାଜ୍ୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇଥିଲା। ପ୍ରଶାସନ ପକ୍ଷରୁ ନଦୀକୂଳବାସୀଙ୍କୁ ଦୟା ନଦୀ ଜଳ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା। ପୁଣି ଗତ ଚାରି ପାଞ୍ଚ ଦିନ ହେଲା ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇ କଣାସ ବ୍ଲକ୍ ପାଣ୍ଡିଆକେରା ଗ୍ରାମ ପଞ୍ଚାୟତ ପାଣ୍ଡିଆକେରା ଗ୍ରାମର ମାଗୁଣି ବଳିୟାରସିଂହ (୬୯)ଙ୍କର କଟକ ବଡ଼ ଡାକ୍ତରଖାନରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ହୋଇଛି। ଚଳିତ ବର୍ଷର ଝାଡ଼ାବାନ୍ତିରେ ପ୍ରଥମ ମୁଣ୍ଡ ଗଡ଼ିଥିବା ଜଣାପଡ଼ିଛି।



ପ୍ରକାଶ ଯେ, ଗତ ଚାରି ପାଞ୍ଚ ଦିନ ହେଲା ପାନୀୟ ଜଳ ଅଭାବ ଯୋଗୁଁ ଦୟା ନଦୀ ଜଳ ବ୍ୟବହାର କରି ନୂଆଗାଁ ଗ୍ରାମରେ ଝାଡ଼ାବାନ୍ତି ଆରମ୍ଭ ହୋଇ ୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ। ଏନେଇ ଶନିବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କଣାସ ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ତୁରନ୍ତ ନୂଆଗାଁ ଓ ଆଖପାଖ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ଚିକିତ୍ସା କରିବା ସହିତ ନଳକୂଅ ଓ ଗଭୀର କୂଅରେ ବ୍ଲିଚିଂ ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ କର୍ମଚାରୀ, ଡାକ୍ତର ଏବଂ ଆଶାକର୍ମୀ ନୂଆଗାଁରେ ପହଞ୍ଚି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା କରିବା ସହିତ ନଳକୂଅ ଓ ଗଭୀର କୂଅରେ ବ୍ଲିଚିଂ ପକାଇ ଦୟା ନଦୀର ଦୂଷିତ ଜଳକୁ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ଝାଡ଼ାବାନ୍ତି ଲାଗିଥିବା ଗ୍ରାମ ଏବଂ ଆଖପାଖ ଗ୍ରାମରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି। ଗଡ଼ିଶାଗୋଦା ଓ ଗୋପୀନାଥପୁର ସରପଞ୍ଚ ଡେଙ୍ଗୁରା ମାଧ୍ୟମରେ ଦୟା ନଦୀର ଦୂଷିତ ଜଳ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। କିନ୍ତୁ ଶନିବାର ଝାଡ଼ାବାନ୍ତିରେ ଚିକିତ୍ସାଧୀନ ଅବସ୍ଥାରେ ନୂଆଗାଁରେ ପ୍ରଥମ ମୁଣ୍ଡ ଗଡ଼ିଥିବାରୁ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ପାଣ୍ଡିଆକେରା ଗ୍ରାମର ମାଗୁଣି ବଳିୟାରସିଂହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବାବେଳେ ଅବସ୍ଥା ଖରାପ ଥିବାରୁ ପୁରୀ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ପୁରୀରୁ ଅଧିକ ଚିକିତ୍ସା ପାଇଁ କଟକ ଏସ୍‌ସିବି ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

ନିମାପଡ଼ା,୧୪।୨(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତ ବିଷ୍ଣୁପୁର ଦେଉଳିସାହିର ଏକ କବାଡ଼ିଆ ଗୋଦାମରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ଦେଉଳି ସାହିର ଶ୍ରୀନିବାସ ଦଲେଇଙ୍କ ଘର ନିକଟରେ ଥିବା ଏକ କବାଡ଼ିଆ ଗୋଦାମରେ କୌଣସି କାରଣ ବସତଃ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କବାଡ଼ି ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ନିମାପଡ଼ା ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## କୁଳମଣି ସଂଯୁକ୍ତ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି



କଣାସ,୧୪।୨(ସମିସ): କଣାସ ବ୍ଲକ୍ ଅନ୍ତର୍ଗତ ବଡାଲ ପଞ୍ଚାୟତରେ ଅଡାଲ ବଡାଲରେ ପ୍ରତିଷ୍ଠିତ କୁଳମଣି ସଂଯୁକ୍ତ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷାବିତ୍ ଯୁଧିଷ୍ଠିର ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ମୃତ୍ୟୁୟ ରଥ ଏବଂ ପ୍ରାଧ୍ୟାପକ ଡ. କୈବଲ୍ୟଚରଣ ପତିଙ୍କ ସମେତ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପ୍ରଧାନ, ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ସାମନ୍ତରାୟ, ରବୀନ୍ଦ୍ର କୁମାର ଶତପଥି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ମହାନ୍ତିଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଅନେକ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅନେକ ବିନ୍ଦୁ ଉପରେ ଆଲୋକପାତ କରାଯାଇଥିବା ବେଳେ ବିଦ୍ୟାଳୟର ଏକ ସ୍ମରଣିକା ଉନ୍ମୋଚନ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଆସନ୍ତା ନଭେମ୍ବର ମାସରେ ଏହି ଜୟନ୍ତୀ ପାଳନ କରାଯିବା ପାଇଁ ସ୍ଥିର ହେଲା। ଛାତ୍ରଛାତ୍ରୀଙ୍କର କାର୍ଯ୍ୟକାରୀ ସଭାପତି ଅଶୋକ ବାହୁବଳେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ



କୁଣ୍ଡେଇ,୧୪।୨(ସମିସ): ଓଡ଼ିଶାର ଧର୍ମ ସଂସ୍କୃତି କହିଲେ ଶ୍ରୀଜଗନ୍ନାଥଙ୍କ ଧର୍ମ ସଂସ୍କୃତିକୁ ବୁଝାଏ। ଆମ ଓଡ଼ିଆମାନଙ୍କ ସାଂସ୍କୃତିକ ବିଚାରଧାରା ସମୂହ ଶ୍ରୀଜଗନ୍ନାଥଙ୍କ ପାଇଁ ଗତିଶୀଳ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ବିଚାରଧାରା ସର୍ବତ୍ର ଯୋଡ଼ିହୋଇ ରହିଛି। ପଞ୍ଚରାତ୍ର ମହୋତ୍ସବ ବକ୍ତା ବାବା ସତ୍ୟାନନ୍ଦ ଦାସ ମହାରାଜ ମତବ୍ୟକ୍ତ କରିଥିଲେ। ପୁରୀ ଜିଲ୍ଲା କାକଟପୁର ବ୍ଲକ୍ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଦେଉଳି ମଠଠାରେ ଗତ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଦଶମ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ପୁଣ୍ୟତୋୟା ପ୍ରାଚୀ ନଦୀରୁ ଜଳପୂର୍ଣ୍ଣ କୁମ୍ଭକୁ ମହିଳାମାନେ ଆଣି ଯଜ୍ଞମଣ୍ଡପରେ ସ୍ଥାପନ କରିବା ପରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ସମିତି କାକଟପୁର ଆନୁକୂଲ୍ୟରେ ଆୟୋଜିତ ଉକ୍ତ ମହୋତ୍ସବକୁ ଅନ୍ତର୍ଜାତୀୟ କ୍ରିୟାଯୋଗ ସମିତିର ମୁଖ୍ୟ ସନ୍ଥ ପ୍ରଜ୍ଞାନାନନ୍ଦ ଗିରି ମହାରାଜ ଉଦ୍‌ଘାଟନ କରି ଭକ୍ତି, ନିଷ୍ଠା, ପ୍ରଚେଷ୍ଟା, ସକାରାତ୍ମକ ଚିନ୍ତା ଈଶ୍ୱରସତ୍ତା ଲାଭ କରିବାର ପ୍ରକୃଷ୍ଟ ମାର୍ଗ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନଥ ମହିମା ରାଷ୍ଟ୍ରୀୟ ପ୍ରଚାରକ ଧାରାବାହିକ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ ଯୋଗଦେଇ ସ୍କନ୍ଦ ପୁରାଣ ଅନ୍ତର୍ଗତ ଶ୍ରୀପୁରୁଷୋତ୍ତମ କ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଓ ଶ୍ରୀକ୍ଷେତ୍ର ମହିମା, ସହସ୍ର ଅଶ୍ୱମେଧ ଯଜ୍ଞ, ଦାରୁବ୍ରହ୍ମଙ୍କ ଆବିର୍ଭାବ, ଯାତ୍ରା ବିଧାନ, ନିର୍ମାଲ୍ୟ ମହିମା ଓ ଗ୍ରନ୍ଥ ମାହାତ୍ମ୍ୟ ଉପରେ ସୁମଧୁର ପ୍ରବଚନ ଦେଇ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଶ୍ରୀଜଗନ୍ନାଥଙ୍କ ୨୪ ବେଶ ଓ ପ୍ରବଚନ ମଣ୍ଡପରେ ଆସିନ ଚତୁର୍ଦ୍ଧା ବିଗ୍ରହଙ୍କ ପୂଜାର୍ଚ୍ଚନା ପରେ ସତ୍ୟାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପଞ୍ଚରାତ୍ର କମିଟିର ମୁଖ୍ୟ ଶାନ୍ତନୁ ଦୀକ୍ଷିତ, ସୁଦାମ ଦୀକ୍ଷିତଙ୍କ ଦ୍ୱାରା ମହୋତ୍ସବ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ନୟାହାଟ,୧୪।୨(ସମିସ): ଗୋପ ଥାନା ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଞ୍ଚଳର ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ୮ମ ବାର୍ଷିକ ଉତ୍ସବ ଯୋଜେଶ୍ୱର ମହାବୀର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୩୦୦ରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହାସଙ୍ଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ମୁଖ୍ୟବକ୍ତା ଭାବେ ମିନତି ସ୍ୱାଇଁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମହାସଙ୍ଘର ସଭାପତି ଡ. କାର୍ତ୍ତିକ କୁମାର ଦାସ, ସମ୍ପାଦକ ଦେବେନ୍ଦ୍ର କୁମାର ଦାସ, ଉପସଭାପତି ଗୁଣ୍ଡିଚା ବରାଳ ପିପିଲିର ବରିଷ୍ଠ ନାଗରିକ ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ପାଦକ ଅଜୟ କୁମାର ରାୟ, ଶିକ୍ଷାବିତ୍ ଦାମୋଦର ମିଶ୍ର, ନୟାହାଟ ବଣିକ ସଂଘର ସଭାପତି ଫକୀର ଚରଣ ବାରିକ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ। ନୟାହାଟର ବରିଷ୍ଠ ନାଗରିକ ମଞ୍ଚର ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ର, ଉପସଭାପତି ସୁରେନ୍ଦ୍ର ମୋହନ ବିଟି, ସମ୍ପାଦକ କୃଷ୍ଣ ଚନ୍ଦ୍ର ବାରିକ, ମଧୁସୂଦନ ରାୟ, କାହ୍ନୁ ଚରଣ ସାହୁ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ୫ ଜଣ ବରିଷ୍ଠ ନାଗରିକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୈକୁଣ୍ଠ ନାଥ ଦାସ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଦାସ, ସମାଜସେବୀ ହରିହର ସ୍ୱାଇଁ, ଶିକ୍ଷକ ଶ୍ରୀପତି ମହାନ୍ତି, ମହାଲକ୍ଷ୍ମୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ନିମାପଡ଼ାରେ ହେବ ପଥପ୍ରାନ୍ତ ସୁବିଧା କେନ୍ଦ୍ର



### ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କଲେ ପ୍ରଭାତୀ

ନିମାପଡ଼ା,୧୪/୨(ସମିସ): ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ତଳଅଣ୍ଡିଆଠାରେ ପର୍ଯ୍ୟଟନ ବିଭାଗ ତରଫରୁ ୮ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ ଦ୍ୱାରା ନିମାପଡ଼ା ଦେଇ କୋଣାର୍କ ଯିବାଆସିବା କରୁଥିବା ପର୍ଯ୍ୟଟକମାନେ ବିଶ୍ରାମ ବେଶ୍ ସହାୟକ ହେବ। ଏଠାରେ ଇ-ଭେହିକିଲ୍ ଚାର୍ଜିଂ ସୁବିଧା, ମାର୍ଟ ଏବଂ ଛୋଟ ଛୋଟ ଦୋକାନ ସହ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ସୁବିଧା ରହିବ। ଭବିଷ୍ୟତରେ ଏହି ସୁବିଧା କେନ୍ଦ୍ର ନିକଟରେ ଏକ ଗେଟ୍ ମଧ୍ୟ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଏନ୍‌ଏସି ଇଓ ଚିନ୍ମୟ କୁମାର ଦାସ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ସାଇ ପ୍ରିତମ ପଟ୍ଟନାୟକ, ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମିଟେଇପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗମଠଠାରେ ୩୧.୨୬ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ରଙ୍ଗମଠ ମାଇନର କେନାଲ ଡାହାଣ ପାଶ୍ୱର୍ ରାସ୍ତାର ଉନ୍ନତଚରଣ ପାଇଁ ୧୨.୭୨ ଲକ୍ଷ, ସାତପୁରି ସବ୍ ମାଇନର କେନାଲର ପୁନରୁଦ୍ଧାର ଏବଂ ଉନ୍ନତିକରଣ ପାଇଁ ୮.୫୪ ଲକ୍ଷ ଏବଂ ରଙ୍ଗମଠଠାରେ କୁଶଭଦ୍ରା ବାମ ପାର୍ଶ୍ୱ ବନ୍ଧ ରାସ୍ତା ଉନ୍ନତିକରଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ସେହିପରି ଚଉଁରପଦାଠାରେ ୧ କୋଟି ଟଙ୍କା ବ୍ୟୟରେ କାର୍ଯ୍ୟକାରୀ ହେବାକୁ ଥିବା ଚଉଁରପଦା ମାଇନର କେନାଲର ଦକ୍ଷିଣ ପାଶ୍ୱର୍ ବନ୍ଧ ଏବଂ କୋଳିପୋଖରୀ ଶାଖା କେନାଲର ବାମ ପାର୍ଶ୍ୱ ବନ୍ଧ ରାସ୍ତାର ଉନ୍ନତିକରଣ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ୪୬ ଲକ୍ଷ ଟଙ୍କା ବ୍ୟୟରେ ଚଉଁରପଦା ଗ୍ରାମପଞ୍ଚାୟତର ହଂସପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରିତମ୍ ଚେତନ ପୋଥାଳ, ସହକାରୀ ଯନ୍ତ୍ରୀ ସୁଧାଂଶୁ ଷଡ଼ଙ୍ଗୀ, ଏଇ ଚନ୍ଦ୍ରମଣି ପ୍ରଧାନ, ସତ୍ୟ ଭୂଷଣ ସ୍ୱାଇଁ, ଓଟିଡିସି ଏସି ସୁନିଲ ବେହେରା, ଏସ୍‌ଡିଓ ପ୍ରଶାନ୍ତ ଜେନା, ଇଂ. ରାକେଶ ଧରଙ୍କ ସମେତ ଅନେକ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି




ସାକ୍ଷୀଗୋପାଳ,୧୪।୨(ସମିସ): ୨୦୧୯ ଫେବୃଆରୀ ୧୪ ତାରିଖ ଆଜିର ଦିନରେ ଜାମ୍ମୁ କାଶ୍ମୀରର ପୁଲୱାମାଠାରେ ଆତଙ୍କବାଦୀ ଆକ୍ରମଣରେ ଦେଶମାତୃକାର ସେବା ସମୟରେ ୪୦ ଜଣ ଯବାନ ସହିଦ ହୋଇଥିଲେ। ଶନିବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାରରେ ସତ୍ୟବାଦୀର ବୁଦ୍ଧିଜୀବୀ, ଆଇନଜୀବୀ, ସାମ୍ବାଦିକମାନଙ୍କ ତରଫରୁ ଦୀପଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସତ୍ୟବାଦୀର ୨ ସହିଦ ଶ୍ୟାମ ସୁନ୍ଦର ବାରିକି ଓ ଦେବାଶିଷ ବିଶ୍ୱାଳଙ୍କ ସମେତ ୪୨ ଜଣ ସହିଦଙ୍କ ନିମନ୍ତେ ୪୨ଟି ଦୀପଦାନ କରାଯାଇଥିଲା। ବୁଦ୍ଧିଜୀବୀ ଗୋପୀନାଥ ରଥ, ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ଆଇନଜୀବୀ ସୁଶାନ୍ତ କୁମାର ରଥ, ସାମ୍ବାଦିକ କିଶୋର ଚନ୍ଦ୍ର ମହାପାତ୍ର, ଦୁର୍ଗେଶ ପ୍ରସାଦ ମିଶ୍ର, ରମା ବଲ୍ଲଭ ବରାଳ, ରାଜ କିଶୋର ସେନାପତି, ଭବାନୀ ଶଙ୍କର ନନ୍ଦ, କୈଳାଶ ଚନ୍ଦ୍ର ବାରିକ, ରମେଶ ଚନ୍ଦ୍ର ସାହୁ, ସୁରେନ୍ଦ୍ର ନାଥ ପଣ୍ଡା, ଯୋଗୀ ବେତାଳ, ଦୀପକ ବାରିକ, ପ୍ରଶାନ୍ତ ବାରିକ, ବାଳକୃଷ୍ଣ ପଟ୍ଟନାୟକ, ବନ୍ଦନା ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ସହିଦଙ୍କ ସ୍ମୃତିଚାରଣ କରିଥିଲେ। ଅଶୋକ ବେହେରା ସହଯୋଗ କରିଥିଲେ।

## ମହିଳାଙ୍କୁ ଉନ୍ନତମାନର କୃଷି ଉପକରଣ ବଣ୍ଟନ

ବ୍ରହ୍ମଗିରି,୧୪।୨(ସମିସ): ଶନିବାର ବ୍ରହ୍ମଗିରି ବ୍ଲକ୍ ଗଡ଼ରୋଢ଼ଙ୍ଗଠାରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଏକ୍ରିକ ପ୍ରକଳ୍ପ ବନ ବିଭାଗ ସହାୟତାରେ ମହିଳାମାନଙ୍କୁ କୃଷି ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ଦ୍ୱାରା ବ୍ରହ୍ମଗିରି, କୃଷ୍ଣପ୍ରସାଦ ଏବଂ ଦେବୀ ମୁହାଣ ଅଞ୍ଚଳରେ ଉନ୍ନତମାନର କଙ୍କଡ଼ା ଚାଷ ଏବଂ ଧାନ ଚାଷ ପ୍ରଶିକ୍ଷଣ ଦେବା ସହିତ ମହିଳା ଚାଷୀମାନଙ୍କୁ ମାଗଣାରେ ପ୍ରୋତ୍ସାହନ ଦିଆଯାଉଛି। ଏହି ପ୍ରକଳ୍ପ ସହାୟତାରେ ଜଳବାୟୁ ସହନଶୀଳ ଜୀବିକା ଅନ୍ତର୍ଗତ କୃଷି ସାମଗ୍ରୀ ବଣ୍ଟନ, ଭାରତୀୟ ଉପକୂଳବର୍ତ୍ତୀ ସହନଶୀଳତା ଅଭିବୃଦ୍ଧି ପାଇଁ କାର୍ଯ୍ୟ କରାଯାଇଛି। ଏଥିରେ ଉପକୂଳୀୟ ମହିଳାମାନେ ଆତ୍ମ ନିର୍ଭରଶୀଳ ଏବଂ ଆର୍ଥିକ ଅଭିବୃଦ୍ଧି କରାଇବା ପାଇଁ ସରକାର ବନ ବିଭାଗ ସହାୟତା ନେଇଛନ୍ତି। ଏକ୍ରିକର ଏହି ପ୍ରକଳ୍ପକୁ ଆଜି ଲୋକାଭିମୁଖୀ କରିବା ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପ୍ରୋତ୍ସାହନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବ୍ରହ୍ମଗିରି ବିଡିଓ ମନୀଷା ଷଡ଼ଙ୍ଗୀ, କୈଳାଶ ଚନ୍ଦ୍ର ପରିଡ଼ା, ପୁରୀ ଡିଏଫ୍‌ଓ ମଗର ଡାନୋଜି ରାଓସ, ଏସିଏଫ୍‌ଓ ଅଶୋକ ବେହେରା, ଏସିଏଫ୍‌ଓ ସମ୍ବିତ୍ ପଣ୍ଡା, ବ୍ରହ୍ମଗିରି ରେଞ୍ଜର ଚନ୍ଦ୍ରଶେଖର ସାହୁ, ଏକ୍ରିକ ସଂସ୍ଥାର ଡିସିଓ ଦେବାଶିଷ ପତି ଏବଂ ତାଙ୍କ କର୍ମଚାରୀମାନେ ଯୋଗଦେଇଥିଲେ।

## ସହିଦ ମନୋଜ ବେହେରାଙ୍କ ସ୍ମୃତିଚାରଣ ଓ ଶୋଭାଯାତ୍ରା

ନିମାପଡ଼ା,୧୪।୨(ସମିସ): ୨୦୧୯ ଫେବୃଆରୀ ୧୪ରେ ଜାମ୍ମୁ କାଶ୍ମୀରର ପୁଲ୍‌ୱାମାଠାରେ ଆତଙ୍କବାଦୀଙ୍କ ବିସ୍ଫୋରଣରେ ୪୦ଜଣ ଯବାନ ସହିଦ ହୋଇଥିଲେ। ସେଥିମଧ୍ୟରୁ ନିଆଳି ଥାନା ଅନ୍ତର୍ଗତ ରତନପୁର ଗ୍ରାମର ମନୋଜ ବେହେରା ସହିଦ ହୋଇଥିଲେ। ସହିଦଙ୍କ ଉଦ୍ଦେଶ୍ୟରେ ଶନିବାର ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା, ଯୁବ ରେଡ୍‌କ୍ରସ ଓ ଛାତ୍ର ସଂସଦ ପରିଷଦର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସହିଦ ମନୋଜ ବେହେରାଙ୍କ ୭ମ ଶ୍ରାଦ୍ଧ ଦିବସ ସ୍ମୃତି ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶୋଭାଯାତ୍ରାକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଅମିତା ମହାନାୟକ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ମନୋଜ ନିମାପଡ଼ା ମହାବିଦ୍ୟାଳରେ ପାଠ ପଢ଼ିଥିଲେ।




ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବ୍ଲକ୍ ଛକ, ଥାନା ଛକ, ମୁଖ୍ୟ ବଜାର, ଦୋଳବେଦୀ ଛକ, ଜୟଶ୍ରୀ ଛକ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ମହାବିଦ୍ୟାଳୟ ସମରଶିକ୍ଷାର୍ଥୀ ବାହିନୀର ଅଧିକାରୀ ପ୍ରେମ ରାଜ ଗହିର, ପ୍ରଶାସନିକ ଅଧିକାରୀ ପ୍ରଦୀପ ଦାଶ, ସହ ପ୍ରଶାସନିକ ଅଧିକାରୀ ରବି ପାଣି, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଗିରିଶ ଚନ୍ଦ୍ର ସାହୁ, ଓଡ଼ିଶା ପୁଲିସ ଅଧିକାରୀ ଅମିତ ଦାସ, ଆଶୁତୋଷ ହରିଚନ୍ଦନ, ସ୍ୱେଚ୍ଛାସେବୀ ସଂଗଠନ ପ୍ରେରଣାର ସମ୍ପାଦକ ନିରଞ୍ଜନ ରାଉତ ପ୍ରମୁଖ ସାମିଲ୍ ହୋଇଥିଲେ।

## ପ୍ରାଚୀ ପରିକ୍ରମା ଉଦ୍‌ଯାପିତ

## ସ୍ତମ୍ଭକାର ସନ୍ତୋଷ ଦାଶ ସମ୍ବର୍ଦ୍ଧିତ



ଚାରିଛକ,୧୪।୨(ସମିସ): ପୁଣ୍ୟତୋୟା ପ୍ରାଚୀ ନଦୀକୁ ସୁନାବ୍ୟା କରିବାକୁ ଓ ପ୍ରାଚୀ ଉପତ୍ୟକାରେ ଥିବା ପୁରାତନ ମଠ, ମନ୍ଦିର, କୀର୍ତ୍ତିରାଜି, ଐତିହ୍ୟ ସବୁର ସୁରକ୍ଷା ଓ ରକ୍ଷଣାବେକ୍ଷଣ କରିବାକୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଗତ ୧୫ ବର୍ଷ ଧରି ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନରେ ପ୍ରାଚୀ ପରିକ୍ରମା ଟ୍ରଷ୍ଟ ପକ୍ଷରୁ ଏକ ସପ୍ତାହବ୍ୟାପୀ ପ୍ରାଚୀ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଗତ ୭ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚଦଶ ବାର୍ଷିକ ପ୍ରାଚୀ ନଦୀ ପରିକ୍ରମା ଶୁକ୍ରବାର ପ୍ରାଚୀ ଉପତ୍ୟକାର ପ୍ରସିଦ୍ଧ ଅନ୍ଧକପିଳେଶ୍ୱର ମନ୍ଦିରଠାରେ ଉଦ୍‌ଯାପିତ ହୋଇଥିଲା। ଏହି ଉଦ୍‌ଯାପନୀ ଦିବସରେ ଅନ୍ତଃରାଷ୍ଟ୍ରୀୟ କ୍ରିୟା ଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ମହନ୍ତ ବାବାଜୀ ଦାମୋଦର ଦାସ, ବାବାଜୀ ରାମ ଦାସ, ସ୍ୱାମୀ ଆଖଣ୍ଡାନନ୍ଦଜୀ, ସ୍ୱାମୀ ଶ୍ରଦ୍ଧାନନ୍ଦ ସରସ୍ୱତୀ ପଣ୍ଡିତ ଚିତ୍ତ ରଞ୍ଜନ ମିଶ୍ର ପ୍ରମୁଖ ପ୍ରାଚୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରିବା ସହିତ ଆଳତି କରିଥିଲେ। ଅନ୍ଧକପିଳେଶ୍ୱର ମନ୍ଦିରଠାରେ ଉଦ୍‌ଯାପନ ଦିବସରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ଭାଗ ନେଇଥିବା ସାଧୁସନ୍ଥ, ମଠାଧିଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ସନ୍ତୋଷ ଦାଶଙ୍କୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୨୦ ବର୍ଷ ଧରି ସାମ୍ବାଦିକ ଶ୍ରୀ ଦାଶ ପ୍ରାଚୀ ନଦୀର ଐତିହ୍ୟ, ମାହାତ୍ମ୍ୟ, ବିଭିନ୍ନ ଦେବଦେବୀଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର, ପ୍ରବନ୍ଧମାନ ପ୍ରକାଶ କରିବା ସହିତ ପ୍ରାଚୀ ପରିକ୍ରମା ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରୁଛନ୍ତି।

## ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ଗୋପ,୧୪।୨(ସମିସ): ପୁଲୱାମା ସହିଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟର ୧୯୯୦ ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଉକ୍ତ ରକ୍ତଦାନ ଶିବିରକୁ ଗୋପ ବ୍ଲକ୍ ଅଧିନସ୍ଥ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଗୋପ ନିଗମାନନ୍ଦ ହାଇସ୍କୁଲର ଛାତ୍ର ଓ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ଏଥିରେ ଭୁବନେଶ୍ୱର ବ୍ଲଡ୍ ବ୍ୟାଙ୍କ ସହାୟତାରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଥମେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରେ ସହିଦଙ୍କ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ଅର୍ପଣ କରିବା ସହିତ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଗମାନନ୍ଦ ହାଇସ୍କୁଲର ପୁରାତନ ଓ ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ସନାତନ ଶର୍ମା, ଦିଲ୍ଲୀପ କୁମାର ଦଳାଇ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟିନୀ ମହାପାତ୍ର ଏବଂ ପୂର୍ବତନ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପ ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିଆରୀ ଏବଂ ନୂଆ ଅଧିକାରୀ ଦୁର୍ଗା ଚରଣ ମହାପାତ୍ରଙ୍କ ସମେତ ଅବସରପ୍ରାପ୍ତ ସେନା ଅଧିକାରୀ ସତ୍ୟନାରାୟଣ ସେନାପତିଙ୍କୁ ମଧ୍ୟ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଚାର୍ଯ୍ୟ ହରିହର ଜୟନ୍ତୀ ପାଳିତ

# ଆଚାର୍ଯ୍ୟଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧର ପ୍ରତୀକ ଥିଲା

ପୁରୀ,୧୪।୨(ସମିସ)



ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାଦାୟୀ। ଆଚାର୍ଯ୍ୟଙ୍କ ଜୀବନ ସେବା, ସମର୍ପଣ ଓ ତ୍ୟାଗର ଶିକ୍ଷା ଦିଏ। ତାଙ୍କ ଭଲ ମଣିଷ ହୁଅର ଆହ୍ୱାନ ପ୍ରତ୍ୟେକ ମଣିଷ ଚରିତ୍ରକୁ ସବୁଦିନ ସଂସ୍କାରିତ କରି ଚାଲିଥିବ ବୋଲି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ମତବ୍ୟକ୍ତ କରିଛନ୍ତି। ଗୁରୁବାର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ପ୍ରଶାସନ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ, ସର୍ବୋଦୟ ମେଳା ସମିତି ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ଆଚାର୍ଯ୍ୟ ହରିହରଙ୍କ ବାଗ୍ମୀତା, ମେଧା ଓ ବୁଦ୍ଧିମତା ଅନନ୍ୟ ବୋଲି କହିବା ସହ ତାଙ୍କ ଆଦର୍ଶ ଓ ଜୀବନ ଦର୍ଶନ ସମଗ୍ର ମାନବ ଜାତିର ପ୍ରେରଣାର ଉତ୍ସ ବୋଲି କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ଟୀକାୟତରାୟ ଆଚାର୍ଯ୍ୟ ହରିହରଙ୍କ ଜୀବନ ଓ ଜୀବନଚର୍ଯ୍ୟା ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ରହିଥିଲା ସତ ହେଲେ ତାଙ୍କ ଆଦର୍ଶ ଓ ଚରିତ୍ର ଉଚ୍ଚ ମୂଲ୍ୟବୋଧର ପ୍ରତୀକ ଥିଲା ବୋଲି କହିଥିଲେ। ଜଣେ ଜ୍ଞାନୀ, ଗୁଣି ହୋଇ ମଧ୍ୟ ସେ ଅତି ସାଧାରଣ ଜୀବନଯାପନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ପ୍ରଭେଦ ନ ଥିଲା ବୋଲି ଶ୍ରୀ ଟୀକାୟତରାୟ କହିଥିଲେ।

ସର୍ବୋଦୟ ମେଳା ସମିତି ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସମ୍ପାଦକ ଶିବ ପ୍ରସାଦ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥିମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଛାତ୍ର ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସଭା ପୂର୍ବରୁ ଅତିଥିମାନେ ଗାନ୍ଧୀ ଘାଟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି, ବାର୍ ଆସୋସିଏସନ୍ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ସଦ୍‌ଭାବନା ସଭାଗୃହରେ ଆଚାର୍ଯ୍ୟ ହରିହର, ମହାତ୍ମା ଗାନ୍ଧୀ ଓ ବିନୋବାଭାବେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ, ସର୍ବୋଦୟ ମେଳା ସମିତିର ସଦସ୍ୟ, ବରିଷ୍ଠ ନାଗରିକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

୧୪/୨/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧୦,୩୮,୮୩୧/- ସୁନା:୦୩.୮୦୦ ଗ୍ରାମ୍ ରୁପା: ୭୨.୮୦୦ ଗ୍ରାମ୍





## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା

# ମହାପ୍ରଭୁଙ୍କୁ ଦର୍ଶନ କଲେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ

**ପୁରୀ,୧୪।୨(ସମିସ):** ଆରମ୍ଭ ହୋଇଛି ରାଜ୍ୟ ସରକାରଙ୍କ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା। ପ୍ରଥମ ପର୍ଯ୍ୟାୟରେ ୫ ଜିଲ୍ଲାର ୫୦୦ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁରଠାରେ ଶୁକ୍ରବାର ଯୋଜନାର ଶୁଭାରମ୍ଭ କରିବା ପରେ ନବରଙ୍ଗପୁର ଜିଲ୍ଲା ସହ ଗଞ୍ଜାମ, ଭଦ୍ରକ, ମୟୂରଭଞ୍ଜ, ସମ୍ବଲପୁର ଜିଲ୍ଲାର ଶ୍ରଦ୍ଧାଳୁମାନେ ପୁରୀରେ ପହଞ୍ଚିଥିଲେ। ଏହି ଜିଲ୍ଲାମାନଙ୍କରୁ ୫୦୦ ତୀର୍ଥଯାତ୍ରୀ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥାନ ବୃନ୍ଦାବତୀ ନିବାସରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟ, ହୁଳହୁଳି, ଚନ୍ଦନ ଟିପା ଦେଇ ସ୍ୱାଗତ କରାଯାଇଥିଲା। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଶ୍ରୀମନ୍ଦିର ଡେପୁଟି ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓଏସ୍‌ଆର୍‌ଟିସିର ଜିଲ୍ଲା ପରିଚାଳକ ରଶ୍ମି ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ରେଡ୍‌କ୍ରସ ସ୍ୱେଚ୍ଛାସେବୀ ପ୍ରମୁଖ ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଶନିବାର ପ୍ରତ୍ୟୁଷରୁ ଗଞ୍ଜାମ ଓ ଭଦ୍ରକର ଶ୍ରଦ୍ଧାଳୁ ଏବଂ ପରେ ନବରଙ୍ଗପୁର, ସମ୍ବଲପୁର ଓ ମୟୂରଭଞ୍ଜର ଶ୍ରଦ୍ଧାଳୁମାନଙ୍କୁ ଶ୍ରୀମନ୍ଦିରକୁ ନିଆଯାଇ ମହାପ୍ରଭୁଙ୍କ ଦର୍ଶନ କରାଯାଇଥିଲା। ବିଦାୟ ସମୟରେ ସମସ୍ତ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଶୁଖିଲା ଭୋଗ ପ୍ରଦାନ କରାଯାଇଥିଲା।

ମହାପ୍ରଭୁଙ୍କ ଦର୍ଶନ କରି ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ଗଞ୍ଜାମ ଦିଗପହଣ୍ଡିର ବି. ସାବିତ୍ରୀ, ଡି. ସେତମ, ରମ୍ଭାର ନାରାୟଣ ବେହେରା, ଭଞ୍ଜନଗରର ପି. ଲକ୍ଷ୍ମୀ ପାତ୍ର, ବେଲଗୁଣ୍ଠାର ରବି ସାହୁ, ମୟୂରଭଞ୍ଜ ଚିତ୍ରଡ଼ାର ତିଲୋତ୍ତମା ଖମାରୀ, ଗଡ଼ିଗାଁର ଶକୁନ୍ତଳା ମହାନ୍ତ, କରତପଟାର ବୈଜୟନ୍ତୀ ନାୟକ, ଭଦ୍ରକ ଖପରପଦାର ସୁଦାମ ଚରଣ ସାହୁ, ଆନନ୍ଦପୁରର ଦାମୋଦର ବେହେରା, ଭଣ୍ଡାରୀପୋଖରୀର କୃଷ୍ଣ ଚନ୍ଦ୍ର ସେନାପତି, ଇଛାପୁରର ପର୍ଶୁରାମ ଜେନା, ଗଞ୍ଜାମର ପ୍ରମିଳା ରାଉତ, ପି. ଦମୟନ୍ତୀ ରେଡ୍ଡୀ, ପଦ୍ମାବତୀ ପତି ପ୍ରମୁଖ। ଏ ପରିଣତ ବୟସରେ ଠାକୁରଙ୍କୁ ଦେଖି ଯେଉଁ ଆନନ୍ଦ ଓ ଶାନ୍ତି ପାଇଲୁ ତାହା ଅବର୍ଣ୍ଣନୀୟ ବୋଲି କୋହ ଭିଜା କଣ୍ଠରେ କହି ସରକାର ଓ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।



ମହାଶିବରାତ୍ରି ଉପଲକ୍ଷେ ୫ ଫୁଟ୍‌ର କାନ୍‌ଭାସ୍‌ରେ ୮ ମିନିଟ୍ ମଧ୍ୟରେ ଦେବ ଦେବ ମହାଦେବଙ୍କ ଓଲଟା ପେଣ୍ଟିଂ କରିଛନ୍ତି ଚିତ୍ରଶିଳ୍ପୀ ଆୟୁଷ୍ ମହାପାତ୍ର।

## ଷ୍ଟେସନରୁ ୧୪ କେଜି ଗଞ୍ଜେଇ ଜବତ, ୧ ଗିରଫ

**ପୁରୀ,୧୪।୨(ସମିସ):** ପୁରୀ ରେଳ ଷ୍ଟେସନରୁ ଶନିବାର ୧୪ କେଜି ୧୦୦ ଗ୍ରାମ୍ ଗଞ୍ଜେଇ ଜବତ ହୋଇଛି। ଶନିବାର ପୂର୍ବାହ୍ଣ ପ୍ରାୟ ସାଢ଼େ ୧୦ଟା ସମୟରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଷ୍ଟାଫ୍ ଷ୍ଟେସନ ଭିତରେ ଯାଞ୍ଚ କରୁଥିଲେ। ଟିଟିଇ ଅଫିସ ନିକଟରେ ଜଣେ ବ୍ୟକ୍ତି ଏକ ବ୍ୟାଗ୍‌ରେ ଗଞ୍ଜେଇ ଭର୍ତ୍ତି କରି ଯାଉଥିବାବେଳେ ତାକୁ କାବୁ କରିଥିଲେ। ପରିଚୟ ପଚାରିବାରେ ସେ ବିହାର ବୈଶାଳୀ ଜିଲ୍ଲାର ଅଭିଷେକ ରାଜ ବୋଲି ଜଣାପଡ଼ିଥିଲା। ଅଭିଯୁକ୍ତ ଅଭିଷେକ ପୁରୀ ଗାନ୍ଧୀଧାମ ଟ୍ରେନ୍‌ର ଏସି କୋଚ୍‌ରେ ଜଣେ ବେଡ୍‌ରୋଲ କର୍ମଚାରୀ ବୋଲି ଜଣାପଡ଼ିଥିଲା। ଏ ନେଇ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତକୁ ରବିବାର କୋର୍ଟ ଚାଲାଣ କରାଯିବ ବୋଲି ଜିଆର୍‌ପି ଥାନାଧିକାରୀ ଏସ୍.କେ. ବାହିନିପତି ସୂଚନା ଦେଇଛନ୍ତି।

## ରୋଗୀଙ୍କୁ ଫଳ ବଣ୍ଟନ କରି ଭାଲେଣ୍ଟାଇନ୍ ଦିବସ ପାଳନ

**ପୁରୀ,୧୪।୨(ସମିସ):** ହିନ୍ଦୁ ସଂସ୍କୃତି ଓ ପରମ୍ପରାରୁ ଦୂରେଇ ଯାଇ ଆଜିର ଅନେକ ମଣିଷ ଫେବୃଆରୀ ୧୪କୁ ପ୍ରେମ ଦିବସ ଭାବେ ପାଳନ କରୁଛନ୍ତି। କିନ୍ତୁ ଓଡ଼ିଶା ଯୁବ ଚେତନା ସଂଗଠନ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ଓ ମହିଳା ବିଭାଗରେ ଫଳ ବଣ୍ଟନ କରି ପାଳନ କରିଛି ଭାଲେଣ୍ଟାଇନ ଦିବସ। ରୋଗୀ ମୁହଁରେ ହସ ଫୁଟାଇ, ସେମାନଙ୍କୁ ସାମୟିକ ଯନ୍ତ୍ରଣାମୁକ୍ତ କରିବା ଏକ ପ୍ରେମ ବୋଲି କହିଛନ୍ତି ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର। ଏହି କାର୍ଯ୍ୟକ୍ରମକୁ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ପୂଜାପଣ୍ଡା ସାମନ୍ତ ଉଦ୍‌ଘାଟନ କରିଥିବାବେଳେ ଭିତରଛ ହରେକୃଷ୍ଣ ମହାପାତ୍ର, ସୁଲୋଚନା ମିଶ୍ର, ଘରେଘରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକ, ମିଶନ ଓଡ଼ିଶାର ଦେବରାଜ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ସମସ୍ତଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ପୁରୀ ସଦର ମୁଖ୍ୟ ଚିକିତ୍ସାଳୟର ଯୁବ ଡାକ୍ତର, ନର୍ସିଂ ଷ୍ଟାଫ୍ ଓ କର୍ମଚାରୀ ଏଥିରେ ସହଯୋଗ କରିଥିବାରୁ ସଂଗଠନ ପକ୍ଷରୁ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ ଶତପଥୀଙ୍କୁ ଧନ୍ୟବାଦ ଦିଆଯାଇଛି।

## ଆଜି ଜାଗର

# ଝଲସୁଛି ଶ୍ରୀଲୋକନାଥ ମନ୍ଦିର




**ପୁରୀ, ୧୪।୨ (ସମିସ):** ରବିବାର ମହାଶିବରାତ୍ରି। ବିଭିନ୍ନ ଶୈବପୀଠରେ ରାତି ଉଜାଗର ରହି ଜାଗର ଜାଳିବେ ଶ୍ରଦ୍ଧାଳୁ। ଏଥିପାଇଁ ପୁରୀ ଜିଲ୍ଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ବିଶେଷକରି ପୁରୀ ସହରରେ ଥିବା ପଞ୍ଚମହାଦେବ (ଶ୍ରୀଲୋକନାଥ, ଯମେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର ଓ ମାର୍କଣ୍ଡେଶ୍ୱର)ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବ। ଏହାକୁ ନଜରରେ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲ୍ଲାର ବାବା ବାଲିକପିଳେଶ୍ୱର, ଶଙ୍କରେଶ୍ୱର, ଓଁକାରେଶ୍ୱର, ଆଖଣ୍ଡଳେଶ୍ୱର, ବେଲେଶ୍ୱର, ଆଖଣ୍ଡଳମଣି, ଯୋଡ଼ାଲିଙ୍ଗ ପ୍ରଭୃତି ଶୈବପୀଠରେ ମଧ୍ୟ ବେଶ୍ ଧୂମ୍‌ଧାମରେ ମହାଶିବରାତ୍ରି ପାଳନ କରାଯିବ। ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥଙ୍କ ପୀଠ ମଧ୍ୟ ପ୍ରସ୍ତୁତ ହୋଇଯାଇଛି। ଏଠାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମାଗମ ହେବା ସହ ରାତି ଉଜାଗର ରହି ଦୀପ ଜାଳିବେ। ଏଥିପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଶେଷ ହୋଇଛି। ସେବାୟତ ଓ ପ୍ରଶାସନର ସମନ୍ୱୟ ବୈଠକରେ ପ୍ରସ୍ତୁତ ହୋଇଛି ଜାଗର ଯାତ୍ରାର ରୂପରେଖ। ଦ୍ୱାରଫିଟାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁ କିପରି ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ ହେବ ତାହା ଉପରେ ଫୋକସ୍ ରଖାଯାଇଛି। ତେବେ ଲୋକନାଥ ମନ୍ଦିରକୁ ଫୁଲରେ ସଜାଇ ଦିଆଯାଇଛି। ମୁଖ୍ୟ ମନ୍ଦିରଠାରୁ ଆରମ୍ଭ କରି ପ୍ରବେଶ ପଥ ତୋରଣ ବେଶ୍ ଆକର୍ଷଣୀୟ ଦେଖାଯାଉଛି। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ଦେଇ ଭକ୍ତ ମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରିବାର ବ୍ୟବସ୍ଥା ହୋଇଛି। ଚଳିତବର୍ଷ ୪୫୦୦ ସ୍ୱତନ୍ତ୍ର ଦର୍ଶନ ଟିକଟ୍ କରାଯାଇଛି। ଖଣ୍ଡିଏ ଟିକଟ୍‌ର ମୂଲ୍ୟ ୧୦୦ ଟଙ୍କା ରହିଛି ବୋଲି ମ୍ୟାନେଜର ଅପଚ୍ଛ ପରିଡ଼ା ସୂଚନା ଦେଇଛନ୍ତି।

> ଜିଲ୍ଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ

ଶ୍ରୀଲୋକନାଥ ପୀଠରେ ଶୃଙ୍ଖଳିତ ଜାଗର ଯାତ୍ରା ପାଇଁ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ନୀତି ନିର୍ଘଣ୍ଟ କରାଯାଇଛି। ପୂର୍ବରାତି ସାଢ଼େ ୧୨ଟାରେ ଦ୍ୱାରଫିଟି ୧ଟାରୁ ଭୋର୍ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟପୂଜା ଇତ୍ୟାଦି ନୀତି ସମ୍ପନ୍ନ ହେବ। ଭୋର୍ ୪ଟାରୁ ରବିବାର ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିବେ। ରାତି ୧୦ଟାରୁ ୨ଟା ମଧ୍ୟରେ ଅନ୍ୟାନ୍ୟ ନୀତି ହେବ। ରାତି ୨ଟାରୁ ୩ଟା ମଧ୍ୟରେ ହରିହର ପୂଜା ଭୋଗ, ଚତୁର୍ଦ୍ଦଶୀ ଭୋଗ, ବଡ଼ସିଂହାର ବେଶ ସରି ମହାଦୀପ ଉଠିବ। ତେବେ ଶ୍ରୀଲୋକନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀମନ୍ଦିରରୁ ବାହାରି ସହରର ବିଭିନ୍ନ ସ୍ଥାନରେ ପନ୍ତିଭୋଗ ସମାପନ କରି ରାତି ସାଢ଼େ ୧୧ଟାରେ ଲୋକନାଥ ମନ୍ଦିରରେ ପହଞ୍ଚିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିରକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟା ପରଠାରୁ ରାତିତମାମ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଜଣେ ଆଡିସ୍‌ନାଲ ଏସ୍‌ପି, ୬ ଜଣ ଡିଏସ୍‌ପି, ୧୬ ଜଣ ଇନ୍ସପେକ୍ଟର, ୬୫ ଏସ୍‌ଆଇ ଓ ଏଏସ୍‌ଆଇ, ୨୪ ଜଣ ହାବିଲ୍‌ଦାର, ୮୮ ଜଣ କନଷ୍ଟେବଲ, ୧୬ ଜଣ ଟ୍ରାଫିକ୍ କନେଷ୍ଟବଲ, ୧୬୮ ଜଣ ହୋମ୍‌ଗାର୍ଡଙ୍କ ସମେତ ମୋଟ ୩୨ ସେକ୍ସନ ଫୋର୍ସ ମୁତୟନ ରହିବେ। ସେହିପରି ମନ୍ଦିର ଆଡ଼କୁ ଗାଡ଼ି ଚଳାଚଳ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାର ବାଲିକପିଳେଶ୍ୱର ମନ୍ଦିରରେ ମଧ୍ୟ ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନା ରହିଛି। ଏଠାରେ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଜଣେ ଜଣେ ଅତିରିକ୍ତ ଏସ୍‌ପି, ଜଣେ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟରଙ୍କ ସମେତ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିବେ।

## ହୋପ ଇଜ୍ ଲାଇଫ୍‌ର ଷଷ୍ଠ ବାର୍ଷିକୋତ୍ସବ

# ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେ ନାହିଁ




**ପୁରୀ, ୧୪।୨ (ସମିସ):** ସଂସ୍କୃତି ଭବନଠାରେ ସାମାଜିକ ଅନୁଷ୍ଠାନ 'ହୋପ୍ ଇଜ୍ ଲାଇଫ୍ ଚାରିଟେବୁଲ ଟ୍ରଷ୍ଟ'ର ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ବିଶ୍ୱ ଓଡ଼ିଆ ପରିବାର ଅଧ୍ୟକ୍ଷ ସଜ୍ଜନ ଶର୍ମା, ବିଶିଷ୍ଟ ଚିନ୍ତକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ସ୍ତମ୍ଭକାର ଦେବେନ୍ଦ୍ର ପୃଷ୍ଟି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଏବଂ ଇ-୨୪ ହସ୍ପିଟାଲର ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେବାରେ ଆନନ୍ଦ ଥାଏ ଓ ସେବା ସବୁବେଳେ ସମର୍ପିତ ଓ ସମର୍ପଣ ଭାବ ନ ରହିଲେ ସେବାକୁ ପୂର୍ଣ୍ଣତା ମିଳେ ନାହିଁ। ସେବା ମନରେ ଥାଏ ଆଉ ହୃଦୟରେ ଥାଏ। ସେବା କରିବାର ଆଗ୍ରହ ଥିଲେ ବାଟ ଆପେ ଆପେ ଦେଖାଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଅନୁଷ୍ଠାନର ସଭାପତି ସୁରେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅମରେନ୍ଦ୍ର ପାଇକରାୟ ଅତିଥି ପରିଚୟ ପ୍ରଦାନ ଏବଂ ସମ୍ପାଦକ ଗଦାଧର ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତି ଏବଂ ସାମାଜିକ ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା। ଐତିହ୍ୟ ଗ୍ରାମ ରଘୁରାଜପୁରର 'ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ' ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ କଳାକାରମାନେ ମଙ୍ଗଳାଚରଣ, ଗୁରୁବନ୍ଦନା ଓ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ପରିଚାଳିତ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ନେଇ ପିତୃମାତୃ ପୂଜନ ସଦସ୍ୟ ସଦସ୍ୟାଙ୍କ ଦ୍ୱାରା କରାଯାଇଥିଲା। ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ।

## ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଉଦ୍‌ଯାପିତ

**ପୁରୀ,୧୪।୨(ସମିସ):** ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସଫଳ କରିବାର ଏକ ସୁନ୍ଦର ପଦକ୍ଷେପ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା। ଶୁକ୍ରବାର ସନ୍ଧ୍ୟାରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ୫ ଦିନିଆ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳାର ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଆର୍ଥିକ ବିକାଶରେ ସାମିଲ୍ କରିବା ବୋଲି ଶ୍ରୀ ବେହେରା କହିଛନ୍ତି। ଏହି ମେଳା ଆମ କଳାକାର ଓ ଶିଳ୍ପୀମାନଙ୍କ ଦକ୍ଷତା ଓ ପ୍ରତିଭାକୁ ପ୍ରଦର୍ଶିତ କରୁଛି। ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ ଓ ବିକ୍ରି ଦ୍ୱାରା ଶିଳ୍ପୀମାନେ ଆର୍ଥିକ ଦୃଷ୍ଟିରୁ ଉପକୃତ ହେବା ସହ କଳାର ପରିଚୟ ମିଳିପାରୁଛି ବୋଲି ଶ୍ରୀ ବେହେରା କହିଥିଲେ। ଜିଲ୍ଲା ପାଇଁ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମେଳାରେ ପ୍ରାୟ ୧ କୋଟି ଟଙ୍କାର ବ୍ୟବସାୟ ହୋଇଛି ବୋଲି ଶ୍ରୀ ପୃଷ୍ଟି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଡିଭିଓ ଡା. ଶରତ କୁମାର ବେହେରା, ଜିଏମ୍ ଡିଆଇସି ମାନସ କୁମାର ବାରିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚନ୍ଦ୍ର ମୋହନ ଚାନ୍ଦ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପାଇଁ ବ୍ୟକ୍ତି ଓ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଅତିଥିମାନେ ମହାପ୍ରଭୁଙ୍କୁ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ମେଳାରେ ପଲ୍ଲିଶ୍ରୀ ମେଳା, କୃଷି ଯନ୍ତ୍ରପାତି ମେଳା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମେଳା, ହସ୍ତଶିଳ୍ପ ମେଳା, ବୁକ୍ କାଫେ ଇତ୍ୟାଦିର ୧୯୪ଟି ଷ୍ଟଲ୍ ବ୍ୟବସ୍ଥା ହୋଇଥିଲା। ସ୍ୱୟଂ ସହାୟକ



ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇ ନିଜର ପରିଶ୍ରମ ଓ ନିଷ୍ଠା ଯୋଗୁଁ ଆଜି ମା'ମାନେ ଉନ୍ନତି ପଥରେ ଚାଲିଛନ୍ତି। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ ପାଇଁ ଗ୍ରାମାଞ୍ଚଳରେ ଉତ୍ପାଦିତ ସାମଗ୍ରୀର ପ୍ରୋତ୍ସାହନ, ପ୍ରଦର୍ଶନ ଓ ବିକ୍ରି ପାଇଁ ଏହି ମେଳାରେ ବ୍ୟବସ୍ଥା କରାଯାଇଥିଲା। ଆମ ପାଠଶାଳା ମାଧ୍ୟମରେ କୃଷି ଓ ଆନୁଷଙ୍ଗିକ କୃଷିର ବିକାଶ ଗୋଷ୍ଠୀର ଉତ୍ପାଦ ସହ ବିଭିନ୍ନ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନ ଓ ବିକ୍ରୟ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ବୁକ୍ କାଫେ, ତଥ୍ୟଭିତ୍ତିକ ପ୍ରଦର୍ଶନୀ ସହ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ ଓ ଅନ୍ୟ ଅଧିକାରୀ କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରତିଭା ପ୍ରୋତ୍ସାହନ ଉତ୍ସବ

# ଜମାରାଶି ସୁଧରେ ବିଦ୍ୟାର୍ଥୀଙ୍କୁ ପ୍ରତିଭା ପୁରସ୍କାର ପ୍ରଦାନ

**ପୁରୀ, ୧୪।୨ (ସମିସ):** ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ପ୍ରତିଭା ପ୍ରୋତ୍ସାହନ ଉତ୍ସବ ରଘୁନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭବମ୍ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ଶିକ୍ଷାର ବିକାଶ ପାଇଁ ପ୍ରତିଭା ପ୍ରୋତ୍ସାହନ ଉତ୍ସବର ଭୂୟସୀ ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ବରିଷ୍ଠ ପୁଲିସ ଅଧିକାରୀ ଡ. ସତ୍ୟଜିତ୍ ମହାନ୍ତି, ରେଡିଏସନ୍ ଅଙ୍କଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ସୁରେନ୍ଦ୍ରନାଥ ସେନାପତି, ଓଡ଼ିଶା ହାଇକୋର୍ଟର ଅତିରିକ୍ତ ରେଜିଷ୍ଟ୍ରାର ତ୍ରିଲୋଚନ ଗୁରୁ, ଝାଡ଼ଖଣ୍ଡର ପ୍ରାକ୍ତନ ଡାଇରେକ୍ଟର ଜେନେରାଲ ଗୌରୀଶଙ୍କର ରଥ ଯୋଗଦେଇଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ୍ ମେମୋରିଆଲ ଟ୍ରଷ୍ଟର ସଂଗୃହିତ ଅର୍ଥରାଶି ୪୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁଧରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ, ଗରିବ ମେଧା ଛାତ୍ରଛାତ୍ରୀ, ସର୍ବଶ୍ରେଷ୍ଠ ବିଦ୍ୟାର୍ଥୀ କନେଶ୍ୱର ବଡ଼ମୁଣ୍ଡି (ବିଶ୍ୱମ୍ଭର ଶ୍ରୀ), ଦିବ୍ୟାଂଶୁ ବାହିନିପତି (ଛାତ୍ରରତ୍ନ), ସ୍ନେହା ସାହୁ (କନ୍ୟାରତ୍ନ), ଅର୍ପିତା ପ୍ରିୟଦର୍ଶିନୀ (ସୁକନ୍ୟା), ଅସ୍ମିଆରାଧ୍ୟା (ବିଜ୍ଞାନଶ୍ରୀ) ଇତ୍ୟାଦି ସ୍ୱତନ୍ତ୍ର ପୁରସ୍କାର ବରେଣ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧ୍ରୁବ ଚରଣ କର ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଟ୍ରଷ୍ଟର ସମ୍ପାଦକ ତଥା ପ୍ରଧାନଶିକ୍ଷକଙ୍କ ତରଫରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମିତା ଦାଶଙ୍କ ନେତୃତ୍ୱରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ବରିଷ୍ଠ ଶିକ୍ଷୟିତ୍ରୀ ପଲ୍ଲବି ସତରୂପାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।



## ଆଇପିଏସ୍‌ର ଗବେଷଣା ଶୀର୍ଷକ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**ପୁରୀ,୧୪।୨(ସମିସ):** ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ପକ୍ଷରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ 'କନ୍‌ଫରେନ୍ସ ହଲ୍' ଆନୁକୂଲ୍ୟରେ 'ଆଡ୍‌ଭାନ୍ସ ରିସର୍ଚ୍ଚ ଇନ୍ ମେଡିକାଲ୍ ଟେକ୍ନୋଲୋଜି' ବିଷୟରେ ଜାତୀୟ ସମ୍ମିଳନୀରେ ଭାରତ ଓ ଓଡ଼ିଶାର ଏଲୋପାଥି, ଆୟୁର୍ବେଦ, ହୋମିଓପାଥି, ଦନ୍ତ, ଫାର୍ମାସୀ, ଯୋଗ ବିଭାଗର ଛାତ୍ରଛାତ୍ରୀ, ଶିକ୍ଷକ, ଚିକିତ୍ସକ, ବୈଜ୍ଞାନିକ, ବିଶେଷଜ୍ଞ ବକ୍ତାମାନେ ଯୋଗଦେଇ ସେମାନଙ୍କ ଗବେଷଣା ସନ୍ଦର୍ଭ ଏବଂ ଅନୁଭୂତିମାନ ସାମ୍ପ୍ରତିକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା ସହିତ ଓଡ଼ିଶା ସ୍ୱାସ୍ଥ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ପ୍ରଫେସର ବିପିନ ବିହାରୀ ଖୁଣ୍ଟିଆ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ରୂପେ ବିହାର କୃଷି ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବରିଷ୍ଠ ପ୍ରୋକ୍ଟୋଲୋଜିଷ୍ଟ ଗବେଷକ, ପ୍ରଫେସର ଏମିରିଟ୍‌ସ ଡା. ଚତୁର୍ଭୁଜ ଭୂୟାଁ, ସମ୍ମାନିତ ଅତିଥି ରୂପେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମେଡିକାଲ୍ ନିର୍ଦ୍ଦେଶକ ପ୍ର. ପ୍ରଦୀପ କୁମାର ପଣ୍ଡା, ମଧ୍ୟପ୍ରଦେଶ ଭୋପାଳସ୍ଥିତ ସରକାରୀ ଅଟୋନୋମସ୍ ଆୟୁର୍ବେଦ କଲେଜ, ଭେଷଜ ବିଜ୍ଞାନୀ ପ୍ର. ଡା. ରାଜକିଶୋର ପତି, ଇନ୍ଦୋରସ୍ଥିତ ଅଟୋନୋମସ୍ ସରକାରୀ ଆୟୁର୍ବେଦ କଲେଜ, ଗଳା, ନାକ, କାନ ବିଭାଗ ଅଧ୍ୟକ୍ଷ ପ୍ର. ଡା. ସୁବ୍ରତ କୁମାର ନାୟକ, କୋଲକାତାସ୍ଥିତ ଇମାମି କମ୍ପାନୀ ବରିଷ୍ଠ ପରିଚାଳକ ଗବେଷକ ଡା. ଅକ୍ଷୟ କୁମାର ଖିଲାର, କ୍ୟାପିଟାଲ୍ ହସ୍ପିଟାଲ୍ ବିଶେଷଜ୍ଞ ଡା. ଦୀନକୃଷ୍ଣ ଦାସ, ଉତ୍ତରପ୍ରଦେଶ ଆଜମଗଡ଼ସ୍ଥିତ ସଂଘୀୟ ଆୟୁର୍ବେଦ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ର. ଶାନ୍ତନୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀର ସମ୍ବର୍ଦ୍ଧନା ପୁରସ୍କୃତ ପର୍ବରେ ପ୍ର. ରାଜକିଶୋର ପତିଙ୍କୁ ଭେଷଜ ଗବେଷଣା ଏଫ୍‌ଆର୍‌ଏମ୍‌ଏସ୍ ଫେଲୋସିପ୍, ଇନ୍ଦୋର ପ୍ର. ସୁବ୍ରତ କୁମାର ନାୟକଙ୍କୁ ଶାଲାକ୍ୟ ରତ୍ନ ସମ୍ମାନ, ଡା. ଅକ୍ଷୟ କୁମାର ଖିଲାରଙ୍କୁ ଭେଷଜ ଗବେଷଣା ଏଫ୍‌ଆର୍‌ଏମ୍‌ଏସ୍ ଫେଲୋସିପ୍, ଡା. ପ୍ରମୋଦ ନନ୍ଦଙ୍କୁ ସେବା ରତ୍ନ, ସମାଜସେବୀ ବିଦ୍ୟୁଲତା ଆଚାର୍ଯ୍ୟଙ୍କୁ ସେବାରତ୍ନ, ସତ୍ୟ ଦାଶଙ୍କୁ ନାରଦ ରତ୍ନ ଏବଂ ଶୈଳେନ୍ଦ୍ର ଆଚାର୍ଯ୍ୟଙ୍କୁ ନାରଦ ରତ୍ନ ଉପାଧି ଫେଲୋସିପ୍ ଦିଆଯାଇଥିଲା। ପ୍ରଫେସର ରଞ୍ଜନ କୁମାର କାଷ୍ଟ ଧନ୍ୟବାଦ ଅର୍ପଣ କରିଥିଲେ।



**ଆଜି ମହାଶିବରାତ୍ରି, ଲଡୁବାବାଙ୍କ ପୀଠ ଚଳଚଞ୍ଚଳ**

# ରାତି ୧୨ଟା ପୂର୍ବରୁ ଉଠିବ ମହାଦୀପ

ନୟାଗଡ଼/ଶରଣକୁଳ,୧୪।୨(ସମିସ): ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠ ମହାଶିବରାତ୍ରି ପାଇଁ ଚଳଚଞ୍ଚଳ ହୋଇଉଠିଛି। ଯାତ୍ରାକୁ ଆକର୍ଷଣୀୟ ଓ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ ଏବଂ ଥାନା ଅଧିକାରୀ ସୁଜିତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଶେଷ ହୋଇଛି। ମହାଶିବରାତ୍ରି ପାଇଁ ମନ୍ଦିର ବେଢ଼ାରେ ଥିବା ସମସ୍ତ ପାଶ୍ୱର୍ ମନ୍ଦିରକୁ ରଙ୍ଗ କରାଯାଇଛି। ଶନିବାର ରାତି ୧୨ଟା ପରେ ମନ୍ଦିର ଖୋଲାଯାଇ ଭୋର ୪ଟା ସୁଦ୍ଧା ଠାକୁରଙ୍କ ସମସ୍ତ ନୀତିକାନ୍ତି ସହ ଧୂପ ସମାପନ କରାଯିବ। ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲା ରହିବ। ୧ ଘଣ୍ଟା ମଧ୍ୟରେ ସନ୍ଧ୍ୟା ନୀତି ସମ୍ପନ୍ନ କରାଯାଇ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ଚାଲିବ। ପରେ ବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ଦକ୍ଷିଣ ଦ୍ୱାର ଦେଇ ବେଢ଼ା ପରିକ୍ରମା କରିବେ। ରାତି ୧୨ଟା ପୂର୍ବରୁ ମହାଦୀପ ଉଠିବ।



ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସିଂହଦ୍ୱାରରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ବ୍ୟାରିକେଡ୍‌ରେ ସିଂହଦ୍ୱାର, ନାଟମଣ୍ଡପ, ଭୋଗମଣ୍ଡପ ଦେଇ ରୁପା ବୃଷଭ ନିକଟରେ ପହଞ୍ଚିବେ। ସେଠାରେ ଠାକୁରଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ପଟେ ବେଢାକୁ ବାହାରି ମୁଖ୍ୟ ମନ୍ଦିର ପଛ ପାଖ ଦେଇ ଉତ୍ତର ଦ୍ୱାର ଦେଇ ମନ୍ଦିର ବାହାରକୁ ପ୍ରସ୍ଥାନ କରିବେ। ଲକ୍ଷାଧିକ ଭକ୍ତଙ୍କ ସମାଗମ ଆଶଙ୍କା ଥିବାରୁ ସନ୍ଧ୍ୟାରେ ଦୀପ ଜାଳିବା ପାଇଁ ମନ୍ଦିର ବେଢ଼ା ସହ ନିକଟସ୍ଥ ପୁଷ୍କରିଣୀର ଚତୁଃପାଶ୍ୱର୍ ହୁଡ଼ା ସଫା କରାଯାଇଛି। ଭକ୍ତମାନେ ପୋଖରୀ ହୁଡ଼ା, ପାହାଚ, ମନ୍ଦିର ବାହାରେ ମୁଖ୍ୟ ରାସ୍ତାରେ ଏବଂ ମନ୍ଦିର ବେଢ଼ାରେ ଯାତାୟାତ ରାସ୍ତାକୁ ଛାଡ଼ି ଅନ୍ୟ ସ୍ଥାନରେ ଦୀପ ଜାଳିପାରିବେ। ଅନ୍ୟପକ୍ଷରେ ଯାତ୍ରା ପଡ଼ିଆକୁ ସମତୁଲ କରାଯାଇ ଚଳିତ ବର୍ଷ ଅଧିକ ଦୋକାନ ଲାଗିବା ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଦୋଳି, ଖେଳଣା ସାମଗ୍ରୀ ଓ ମୀନାବଜାର ସହିତ ଯାତ୍ରା ସିଂହବାହିନୀ ଓ ରଙ୍ଗମହଲ ଗଣନାଟ୍ୟ ଅପେରା ପରିବେଷଣ ପାଇଁ ଆସୁଥିବାରୁ ପ୍ରବଳ ଗହଳି ହେବା ଆଶଙ୍କା କରାଯାଉଛି। ଯାତ୍ରା ପଡ଼ିଆରେ ଅସ୍ଥାୟୀ ପୁଲିସ କେନ୍ଦ୍ର, ଅଗ୍ନି ନିର୍ବାପକ କେନ୍ଦ୍ର ଓ ସୂଚନା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଯାତ୍ରା ପଡ଼ିଆକୁ ପ୍ରବେଶ ପଥରେ ଲାଇଟ ତୋରଣ ବ୍ୟବସ୍ଥା କରାଯାଇଛି। ମନ୍ଦିରଗୁଡ଼ିକୁ ରଙ୍ଗୀନ ଆଲୋକରେ ସଜ୍ଜିତ କରାଯାଇଛି।

**■ ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟ**

## ଢେଙ୍କାନାଳ ପପୁଲାର କ୍ଲବ ଚାମ୍ପିଅନ



ରଣପୁର,୧୪।୨(ସମିସ): ରଣପୁର ବ୍ଲକ ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୨୨ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଭୁବନେଶ୍ୱର ସାନ କ୍ଲବକୁ ୨-୦ ଗୋଲରେ ହରାଇ ଢେଙ୍କାନାଳ ପପୁଲାର କ୍ଲବ ଚାମ୍ପିଅନ ହୋଇଛି। ଖେଳର ପ୍ରଥମ ଓ ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ସ୍କୋର ହୋଇଥିଲା। ଚାମ୍ପିଅନ ଦଳର ଖେଳାଳିମାନଙ୍କୁ ସ୍ୱର୍ଣ୍ଣ ପଦକ ସହ ଟ୍ରଫି ଓ ୧୫୦୦୦ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ୍ ଦଳର ଖେଳାଳିଙ୍କୁ ରୌପ୍ୟ ପଦକ ସହ ୧୦୦୦୦ ଟଙ୍କା ପୁରସ୍କୃତ କରାଯାଇଥିଲା। ରେଫରି ମିର୍ଜା ସିରାଜୁଦ୍ଦିନ ବେଗ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ ଓ ବୈକୁଣ୍ଠ ମହାପାତ୍ର ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରି ଭାବେ ଆଲୋକ ରଣା ଏବଂ ମ୍ୟାଚ କମିଶନର ଭାବେ ସଦାଶିବ ସାହୁ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ଲଟେରୀ ଉଠାଣ କରାଯାଇଥିଲା।

ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ନୟାଗଡ଼ ବସ୍ ମାଲିକ ସଂଘ ସଭାପତି ମନୋଜ ନାୟକ, ସମ୍ପାଦକ ଶେଖ୍ ୟୁସୁଫ, ରାଜସୁନାଖଳା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ



ଓଡ଼ଗାଁ,୧୪।୨(ସମିସ): ଓଡ଼ଗାଁ ବ୍ଲକ ନନ୍ଦିଘୋର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଚତୁର୍ଦ୍ଦଶ ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଅବିନାଶ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ଜିଲ୍ଲା ଶିକ୍ଷା ପ୍ରମୁଖ ଶ୍ରୀଧର ସାହୁ, ସିଆରସିସି ଉମାକାନ୍ତ ପ୍ରଧାନ, ନନ୍ଦିଘୋର ନୂଆସାହି ସଭାପତି ସୁରେନ୍ଦ୍ର କୁମାର ବେହେରା, ଉପଦେଷ୍ଟା ସରୋଜ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସତ୍ୟନାରାୟଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗାଇଡାନ୍ସ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିଶୁଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜଙ୍ଗଲରେ ନିଆଁ ଲଗାଇ ଯୁବକ ଗିରଫ

ଓଡ଼ଗାଁ,୧୪।୨(ସମିସ): ନୟାଗଡ଼ ବନଖଣ୍ଡ ଓଡ଼ଗାଁ ବନାଞ୍ଚଳ ଗୟଳସିଂ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ-୩ରେ ନିଆଁ ଲାଗିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକଙ୍କ ନିର୍ଦ୍ଦେଶରେ ବନପାଳ ସରିତା ବରାଳ, ବନରକ୍ଷୀ ମାନସ ରଞ୍ଜନ ମିଶ୍ର, ସୌମ୍ୟରଞ୍ଜନ ଦଳେଇଙ୍କ ସହ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ବାଣ୍ଡପୁର ପଞ୍ଚାୟତ ଚେମେଡ଼ି ଗାଁର ଆନନ୍ଦ ଚନ୍ଦ୍ର ବାରିକ ସାଇକଲ ସହ ସେଠାରେ ଠିଆ ହୋଇଥିଲେ। ବନ କର୍ମଚାରୀ ଯାଞ୍ଚ କରିବାରେ ତାଙ୍କ ନିକଟରେ ଥିବା ବ୍ୟାଗରୁ ଲାଇଟର, ଫାଶ ପକାଇବା ପାଇଁ ତାର ଏବଂ ଗୋଟିଏ କାତି ମିଳିଥିଲା। ପଚରାଉଚରା ସମୟରେ ବନ୍ୟପ୍ରାଣୀ ଶିକାର ଉଦ୍ଦେଶ୍ୟରେ ସେ ଜଙ୍ଗଲରେ ନିଆଁ ଲଗାଇଥିବା ସ୍ୱୀକାର କରିଥିଲେ। ବନବିଭାଗ ଏକ ମାମଲା ରୁଜୁ କରି ଆନନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ସମସ୍ତ ସାମଗ୍ରୀ ଜବତ କରାଯାଇଛି।

## କୃଷିଋଣ ଆବେଦନ ମେଳା

ଓଡ଼ଗାଁ,୧୪।୨(ସମିସ): ଭାରତୀୟ ଷ୍ଟେଟ ବ୍ୟାଙ୍କ ଓଡ଼ଗାଁ ଶାଖାରେ ଶୁକ୍ରବାର କୃଷିଋଣ ମେଳା ଅନୁଷ୍ଠିତ ହୋଇଛି। ବହୁ ସଂଖ୍ୟାରେ ଆବେଦନକାରୀ ଏଥିରେ ଅଂଶଗ୍ରହଣ କରି ଋଣ ନେବା ଏବଂ ଶୁଝିବା ପ୍ରକ୍ରିୟା ସମ୍ପର୍କରେ ଅବଗତ ହୋଇଥିଲେ। ଅନେକ ହିତାଧିକାରୀ ଋଣ ନିମନ୍ତେ ଆବେଦନ କରିଥିଲେ। ନଥିପତ୍ର ଯାଞ୍ଚ ପରେ ଯେଉଁମାନଙ୍କୁ ଋଣ ପ୍ରଦାନ କରିଯିବ ସେନେଇ ଜଣାଇ ଦିଆଯିବ ବୋଲି ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି କହିଛନ୍ତି। କାର୍ଯ୍ୟକ୍ରମରେ ଫିଲ୍ଡ ଅଫିସର ଦୀପ୍ତିରଞ୍ଜନ ରଥ, ଆସିଷ୍ଟାଣ୍ଡ ଫିଲ୍ଡ ଅଫିସର ଦୀପକ୍ ରୁଦ୍ର ବେହେରା, କୋଅର୍ଡିନେଟର ଶୁଭଜ୍ୟୋତି ସାମନ୍ତରାୟ ମଞ୍ଚାସୀନ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରଲୋକ



ଓଡ଼ଗାଁ,୧୪।୨(ସମିସ): ଓଡ଼ଗାଁ ଏନ୍‌ଏସି ବ୍ଲକ ରୋଡ୍ ଗାନ୍ଧୀ ସ୍ମୃତିପୀଠ ନିକଟରେ ବସବାସ କରୁଥିବା ଶତାୟୁ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କର ଶୁକ୍ରବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ବେଣୁଧର ଦାସ, ବଂଶୀଧର ଦାସ ଓ ପୁଅ ବସନ୍ତ କୁମାର ଦାସଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ତାଙ୍କ ମର ଶରୀରରେ ଜାତୀୟ ପତାକା ଢାଙ୍କି ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ଓଡ଼ଗାଁ ପ୍ରଶାସନ ପକ୍ଷରୁ ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ଓଡ଼ଗାଁ ଆଦର୍ଶ ଥାନା ଆଇଆଇସି ସତ୍ୟନାରାୟଣ ବାରିକ, ଏସଆଇ ଚକ୍ରଧର ସିଂ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କରାଯାଇଛି।

୧୯୩୮ ସେପ୍ଟମ୍ବର ୯ରେ ପୂର୍ଣ୍ଣଚନ୍ଦ୍ର ୧୬ ବର୍ଷ ବୟସରେ ପ୍ରଜାମଣ୍ଡଳ ଆନ୍ଦୋଳନର ଯୋଗ ଦେଇ ଗୁପ୍ତ ଡାକସେବା କାର୍ଯ୍ୟ କରୁଥିଲେ। ୧୯୪୨ରେ ବହୁ ପ୍ରତିବନ୍ଧକ ସତ୍ତ୍ୱେ ସେହି କାର୍ଯ୍ୟ ଜାରି ରଖିଥିଲେ। 'ମହାତ୍ମା ଗାନ୍ଧୀଙ୍କ ଜୟ' ନାରା ଦେବା ଅଭିଯୋଗରେ ସେ ୧୯୪୨ ଅଗଷ୍ଟ ୨୦ରୁ ୧୯୪୩ ଏପ୍ରିଲ ୫ ପର୍ଯ୍ୟନ୍ତ ନୟାଗଡ଼ କ୍ୟାମ୍ପ ଜେଲରେ ୭ ମାସ ୧୫ ଦିନ ବନ୍ଦୀ ଜୀବନ ବିତାଇଥିଲେ। ଜେଲ୍‌ମୁକ୍ତି ପରେ ସେ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟକ୍ରମ ସଞ୍ଚାଳନରେ ନିୟୋଜିତ ହୋଇଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନକୁ ସ୍ମରଣ କରି ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ବିଧାୟକଙ୍କ ଗାଁରେ ବେଆଇନ ମଦ, ଗଞ୍ଜେଇ ଓ ବ୍ରାଉନସୁଗର ବିକ୍ରି

**■ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳା**



ଖଣ୍ଡପଡ଼ା,୧୪।୨(ସମିସ): ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତର ଏକାଧିକ ଗ୍ରାମରେ ବ୍ୟାପକ ଭାବରେ ବେଆଇନ ଦେଶୀ, ବିଦେଶୀ ମଦ ସହ ଗଞ୍ଜେଇ ଓ ବ୍ରାଉନସୁଗର ଭଳି ନିଶାଦ୍ରବ୍ୟ ବିକ୍ରି ହେଉଛି। ଅଞ୍ଚଳବାସୀ ଦୀର୍ଘଦିନ ଧରି ଏହାକୁ ବିରୋଧ କରିଆସୁଥିଲେ ମଧ୍ୟ କୌଣସି ପ୍ରତିକାର କରାଯାଉନାହିଁ। ଫଳରେ ଶନିବାର ବେଣାଗାଡ଼ିଆ, କାଦୁଆ, ତେନ୍ତୁଳିଆପଲ୍ଲୀ ଆଦି ଗ୍ରାମର ବିଭିନ୍ନ ମହିଳା ସଂଗଠନ, ସିଆରପି, ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୫ ଶହ ମହିଳା ଏକାଠି ହୋଇ ମଦ ବିରୋଧୀ ଆନ୍ଦୋଳନ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ସହ ପ୍ରତିବାଦ କରିଥିଲେ। ଫଳରେ ବେଣାଗାଡ଼ିଆରୁ କଣ୍ଟିଲୋ ପୂର୍ତ୍ତ ରାସ୍ତାରେ ବହୁ ଗାଡ଼ି ଅଟକି ରହିଥିଲା। ଖୋଦ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ନିଜ ଗ୍ରାମରେ ପାନୀୟଜଳ ଭଳି ପ୍ରମୁଖ ମୌଳିକ ସମସ୍ୟା ଓ ବେଆଇନ ଦେଶୀ, ବିଦେଶୀ ମଦ, ଗଞ୍ଜେଇ ଓ ବ୍ରାଉନସୁଗର ଭଳି ନିଶାଦ୍ରବ୍ୟ ବିକ୍ରି ହେଉଥିବାବେଳେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ଏବଂ ଘରେ ଘରେ ଲୋକଙ୍କୁ ସଚେତନ କରାଇବା ଘଟଣା ଏକପ୍ରକାର ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି। ଡବଲ ଇଞ୍ଜିନ ସରକାର ରାଜ୍ୟକୁ ମଦମୁକ୍ତ କରିବା ପାଇଁ ଶୁଖିଲା ଡିଣ୍ଡିମ ପିଟୁଥିବା ବେଳେ ବିଧାୟକଙ୍କ ଗ୍ରାମରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତେବେ ବେଣାଗାଡ଼ିଆ ବଜାରରେ ଥିବା କିଛି ଦୋକାନରୁ ମହିଳାମାନେ ପୁଳା ପୁଳା ଗଞ୍ଜେଇ ଜବତ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଖବର ପାଇ ଖଣ୍ଡପଡ଼ା ଥାନା ଅଧିକାରୀ କୃତିବାସ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚିବା ସହ ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିଥିଲେ। ଆଗକୁ ନିଶା କାରବାର କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିଧାୟକ ସେଠାରେ ପହଞ୍ଚି ମହିଳାଙ୍କୁ ବୁଝାସୁଝା କରିବା ସହ ନିଶା କାରବାରକୁ କିଭଳି ବନ୍ଦ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟ ପକ୍ଷରେ ପୁଲିସ ଓ ଅବକାରୀ ବିଭାଗ ମାସିକିଆ ହାତଗୁଞ୍ଜା ନେଇ ବେଆଇନ ନିଶା କାରବାରକୁ ପ୍ରୋତ୍ସାହନ ଦେଉଥିବା ମହିଳାମାନେ ଅଭିଯୋଗ ମଧ୍ୟ କରିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

ନୟାଗଡ଼,୧୪।୨(ସମିସ): ଜଙ୍ଗଲକୁ ଯାଇ ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ ହତ୍ୟା କରାଯାଇଥିବା କେହି କେହି କହୁଥିବା ବେଳେ ବାରହା ଶିକାର ପାଇଁ ବସାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ସନ୍ଦେହ କରାଯାଉଛି। ମୃତକ ହେଲେ ନୟାଗଡ଼ ସଦରଥାନା ଅନ୍ତର୍ଗତ ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତ ଗୁଡୁପାଙ୍ଗି ଗ୍ରାମର ଗୋକୁଳ ପ୍ରଧାନ ଓରଫ ପନ୍ଦାରିଆ।

ଗୁଡୁପାଙ୍ଗି ଗାଁ ନିକଟ ଦଧିନଉତି ଓ ଲୁଣି ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ପ୍ରତିଦିନ ଗୁଡୁପାଙ୍ଗି ଗ୍ରାମବାସୀ ପାଳି କରି ଜଗନ୍ତି। ୬ ଦିନ ତଳେ ଗୋକୁଳ ଦଧିନଉତି ଜଙ୍ଗଲକୁ ସକାଳ ୬ଟାରେ ଜଗିବାକୁ ଯାଇଥିଲେ। ଅପରାହ୍ନ ୨ଟାରେ ପାଳି ସାରି ଘରକୁ ଫେରିବା କଥା। ହେଲେ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗ୍ରାମବାସୀଙ୍କୁ ଜଣାଇବା ସହ ଥାନା ଦ୍ୱାରସ୍ଥ ହୋଇଥିଲେ। ସେହିଦିନଠାରୁ ପ୍ରତିଦିନ ୫୦ରୁ ଉର୍ଦ୍ଧ୍ୱ ଲୋକ ଗୋକୁଳଙ୍କୁ ଖୋଜିବା ପାଇଁ ଦିନରାତି ଏକ କରି ଦେଇଥିଲେ। ହେଲେ ଗୋକୁଳଙ୍କ ପତ୍ତା ମିଳି ନ ଥିଲା। ଶନିବାର ଅଞ୍ଚଳର ଜଣେ ବ୍ୟକ୍ତି ଜଙ୍ଗଲକୁ ଯାଇଥିବା ବେଳେ ଏକ ମୃତଦେହ ପଡ଼ିଥିବା ଦେଖି ଲୋକଙ୍କୁ ଜଣାଇବା ପରେ ତାହା ଗୋକୁଳଙ୍କର ବୋଲି ଜଣାପଡ଼ିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୁଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିଦ୍ୟୁତ ଫାଶରେ ଆଘାତ ପାଇ ଗୋକୁଳଙ୍କ ମୃତ୍ୟୁ ହୋଇଥିବା କେତେଜଣ ଗ୍ରାମବାସୀ କହୁଥିବା ବେଳେ ଅନ୍ୟ କିଛି ବ୍ୟକ୍ତି ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଛନ୍ତି। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ରାଷ୍ଟ୍ରୀୟ ପେନସନ ଯୋଜନା ସେବା ସପ୍ତାହ ପାଳିତ



ନୟାଗଡ଼,୧୪।୨(ସମିସ): ନୟାଗଡ଼ ଜିଲ୍ଲା କୋଷାଗାର ତରଫରୁ ଜିଲ୍ଲା ପରିଷଦ ସୃଜନ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପେନସନ ଯୋଜନା ସେବା ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଡିଟିଆଇ ସହକାରୀ ନିର୍ଦ୍ଦେଶକ ପ୍ରାଣବନ୍ଧୁ ବେମଳ, ଜିଲ୍ଲା କୋଷାଗାର ଅଧିକାରୀ ଲକ୍ଷ୍ମୀଧର ମୁର୍ମୁ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ସୁଚିତ୍ କୁମାର ସାବତ୍, ରଣପୁର ଉପକୋଷାଗାର ଅଧିକାରୀ କ୍ଷୀରୋଦିନୀ ମାଝୀ, ଦଶପଲ୍ଲା ଉପକୋଷାଗାର ଅଧିକାରୀ ଦେବେନ୍ଦ୍ର ଦଳାଇ, ଖଣ୍ଡପଡ଼ା ଉପକୋଷାଗାର ଅଧିକାରୀ ପ୍ରକାଶ କୁମାର ସେଠୀ, ଡିଟିଆଇ ଆକାଉଣ୍ଟସ ଅଫିସର ଅଭୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଏହି ପେନସନ ଯୋଜନା ଉପରେ ବୁଝାଇବା ସହ ସଚେତନ କରିଥିଲେ। ସହକାରୀ ନିର୍ଦ୍ଦେଶକ ପାୱାର ପଏଣ୍ଟ ମାଧ୍ୟମରେ ପ୍ରାନ୍ ଆକାଉଣ୍ଟ ଏବଂ ୨୦୦୫ରୁ ରାଜ୍ୟ ସରକାରଙ୍କ ଏନପିଏସ ଉପରେ ଅବଗତ କରାଇଥିଲେ।

## ହାପି ମେମୋରିଆଲ, ଫାଇନାଲରେ କଣ୍ଟିଲୋ

ଭାପୁର,୧୪।୨(ସମିସ): ଭାପୁର ବ୍ଲକ ସମ୍ମୁଖ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ କଣ୍ଟିଲୋ ଦଳ ଏଲପଡ଼ାକୁ ୬ ୱିକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଏଲପଡ଼ା ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୨ ଓଭରରେ ସମସ୍ତ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ କଣ୍ଟିଲୋ ଦଳ ୧୯.୧ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ବିଜୟୀ ଦଳର ସନ୍ତୋଷ ଦାସ ୪ ଓଭରରେ ମାତ୍ର ୧୯ ରନ ବ୍ୟୟ କରି ୫ ୱିକେଟ ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସିକୁନ ସାହୁ ଓ ପ୍ରତିବଲ୍ଲଭ ସାହୁ ଖେଳ ପରିଚାଳନା କରିଥିଲେ। ବାଦଲ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଭାବେ ଜୀବନ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ଅତିଥି ଭାବେ ସୁଜିତ କୁମାର ସାହୁ ଯୋଗଦେଇଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭାପୁର ଓ ତଳମାରଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହେବ।

**କଳୁଷିତ ହେଲାଣି ନୟାଗଡ଼ ଶିକ୍ଷା ବିଭାଗ**

# ବୀମା, ମଦ ଓ ହାତୁଗୁଞ୍ଜା ବିନା ଘୁଞ୍ଚୁନି ଫାଇଲ

ନୟାଗଡ଼,୧୪।୨(ସମିସ): ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ ଦିନକୁ ଦିନ କଳୁଷିତ ହେବାରେ ଲାଗିଛି। ବୀମା, ମଦ ଓ ହାତୁଗୁଞ୍ଜା ବିନା ଫାଇଲ ଘୁଞ୍ଚୁନି। ଶିକ୍ଷକ, କର୍ମଚାରୀ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ଟାର୍ଗେଟ କରି ଶୋଷଣ କରାଯାଉଛି। କିଏ ଧମକ ଦେଇ ବୀମା କରୁଛି, ତ ପୁଣି କିଏ ମନଇଚ୍ଛା ଚାନ୍ଦା ଆଦାୟ କରୁଛି। ତଳୁ ଉପର ଯାଏଁ ଲମ୍ବିଛି ଦିଆ ନିଆର କାରବାର। ଶିକ୍ଷା ବିଭାଗର କିରାଣି ଓ ଶିକ୍ଷକ ବୀମା କମ୍ପାନୀ ଦଲାଲ ସାଜିବା ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀ କାହିଁକି ଚୁପ ବସିଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଘଟଣାର ତଦନ୍ତ ସରି ରିର୍ପୋଟ ମଧ୍ୟ ପ୍ରସ୍ତୁତ ହେଲା। ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ କାହିଁକି କୋହଳ ମନୋଭାବ ପ୍ରଦର୍ଶନ କରାଗଲା, ତାହା ବୁଝାପଡୁନି।

ଅନ୍ୟପଟେ ଡେପୁଟେସନ୍ ବଦଳି ପାଇଁ କିରାଣି ରକ୍‌ଫୋର୍ଡ ଓ ବ୍ଲାକ୍‌ଡଗ୍ ମଦ ଦାବି କରୁଥିବା ଅଡିଓ ଭାଇରାଲ ପରେ ଜିଲ୍ଲା ଶିକ୍ଷା ବିଭାଗ କେତେ ଯେ କଳୁଷିତ ତାହା ପ୍ରମାଣିତ ହେଉଛି। ନୟାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣି କିଶୋରଚନ୍ଦ୍ର ଭଞ୍ଜ ଏବଂ ଉଦୟପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋରଞ୍ଜନ ସାହୁଙ୍କ ବାର୍ତ୍ତାଳାପ ଅଡିଓ ସବୁ ଖୁଲାସା କରିଛି। ଶିକ୍ଷା ବିଭାଗରେ କାର୍ଯ୍ୟରତ ଅନେକ କିରାଣି ସେମାନଙ୍କ ସମ୍ପର୍କୀୟଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି ବୀମା କରିବାକୁ ବାଧ୍ୟ କରୁଛନ୍ତି। ଜିଲ୍ଲାର ଅନେକ ଶିକ୍ଷକ ବିଭିନ୍ନ ବୀମା କମ୍ପାନୀରେ ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ଶିକ୍ଷାଦାନକୁ ଗୁରୁତ୍ୱ ଦିଆଯାଉ ନ ଥିବା ବେଳେ ଶିକ୍ଷକମାନେ ରାଜନୀତିରେ ମାତୁଛନ୍ତି। ଏଭଳି ସ୍ଥିତିରେ ସରକାରୀ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇସାରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ସବୁ ପ୍ରସଙ୍ଗକୁ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଛି। ଶିକ୍ଷକ ବଦଳିରେ ଟାଳଟୁଳ ନୀତି, ଭିତିରିଆ କାରବାର ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ସବୁକୁ ଅଣଦେଖା କରି ଡିଇଓ, ବିଇଓ, ଏବିଇଓମାନେ ନିଜ ସ୍ୱାର୍ଥ ସାଧନରେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠିକୁ ଜିଲ୍ଲା ଶିକ୍ଷା ବିଭାଗ ଅଣଦେଖା କରୁଛି। ଜିଲ୍ଲାରେ ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନରେ ଅସ୍ଥାନ ଜମାଇଥିବା କିରାଣିଙ୍କୁ ବଦଳି ପାଇଁ ବିଭାଗୀୟ ଡେପୁଟି ଡାଇରେକ୍ଟର ବାରମ୍ବାର ଚିଠି କରୁଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଜିଲ୍ଲାର ୮ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ମାଳ ମାଳ କିରାଣି ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ନୟାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଦଳି ହୋଇ ନ ଥିବା କିରାଣି ମଧ୍ୟ କାମ କରୁଛନ୍ତି। କେବେ ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗରେ ସୁଧାର ଆସିବ ଏବଂ ଶିକ୍ଷା ବ୍ୟବସ୍ଥା ସୁଧୁରିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**■ ଅଡିଓ ଭାଇରାଲ ଘଟଣା**

## କିରାଣିଙ୍କ ଡେପୁଟେସନ୍ ବାତିଲ

ନୟାଗଡ଼,୧୪।୨(ସମିସ): ନୟାଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣି କିଶୋରଚନ୍ଦ୍ର ଭଞ୍ଜ ଶିକ୍ଷକଙ୍କୁ ମଦ

**କାର୍ଯ୍ୟାନୁଷ୍ଠାନ ହେବ ନା, ମାମଲା ଚପିବ**

ମାଗିବା ଅଡିଓ ଭାଇରାଲ ଘଟଣାରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିରାଣିଙ୍କ ଡେପୁଟେସନ୍ ବାତିଲ କରାଯାଇଛି। ତାଙ୍କ ମୂଳ ବିଦ୍ୟାଳୟ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟକୁ ତାଙ୍କୁ ପଠାଯାଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ନୟାଗଡ଼ ବ୍ଲକ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ ସୂଚନା ଦେଇଛନ୍ତି। ତେବେ କିରାଣିଙ୍କ ବିରୋଧରେ ପ୍ରକୃତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନା ମାମଲାକୁ ଚାପି ଦିଆଯିବାକୁ ଡେପୁଟେସନ୍ ବାତିଲକୁ ଆୟୁଧ କରାଯାଇଛି ବୋଲି ପ୍ରଶ୍ନ ଉଠିଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ବରୁ ଅନେକ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଇଥିବା ନଜିର ରହିଛି। ଏହାକୁ ନେଇ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ମହଲରେ ପ୍ରବଳ ଅସନ୍ତୋଷ ମଧ୍ୟ ରହିଛି। ଏହି ଅଡିଓ ଭାଇରାଲ ଘଟଣାରେ ଜିଲ୍ଲାପାଳ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅନେକ ଶିକ୍ଷକ ଦାବି କରିଛନ୍ତି।

# ଆଜି ଜାଗର; ଚଳଚଞ୍ଚଳ ଶୈବପୀଠ

ଖୋର୍ଦ୍ଧା,୧୪।୨(ସମିସ)



ରାତି ୧୧ରେ ଉଠିବ ଧବଳେଶ୍ୱରଙ୍କ ମହାଦୀପ

ରବିବାର ପବିତ୍ର ଶିବରାତ୍ରି ତଥା ଜାଗର ଯାତ୍ରା। ଦେବ ଦେବ ମହାଦେବଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ସମସ୍ତ ରାତିଜାଗି ଅନୁସାରେ ଏହି ପର୍ବକୁ ପାଳନ କଲେ କୋଟି ପୁଣ୍ୟର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ବିଶ୍ୱାସକୁ ନେଇ ପ୍ରତ୍ୟେକ ହିନ୍ଦୁ ଧର୍ମାବଲମ୍ବୀ ଶ୍ରଦ୍ଧାଳୁ ଜାଗର ଓଷା କରିଥାନ୍ତି। ଖୋର୍ଦ୍ଧା ସହର ଏବଂ ଏହାର ଉପକଣ୍ଠରେ ଥିବା ପ୍ରତ୍ୟେକ ଶୈବପୀଠ ଶିବରାତ୍ରି ନିମନ୍ତେ ସାଜସଜା ହୋଇଛି। ସହରର ପ୍ରତ୍ୟେକ ଶୈବପୀଠରେ ପଙ୍କୋଦ୍ଧାର ଏକାଦଶୀ (ଶୁକ୍ରବାର)ଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଶୈବପୀଠଗୁଡ଼ିକୁ ସାଜସଜା କରାଯିବା ସହିତ କେତେକ ପୀଠରେ ଆକର୍ଷଣୀୟ ତୋରଣମାନ କରାଯାଇଛି।

ଜାଗର ଯାତ୍ରା ପାଇଁ ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମରେ ଥିବା ଧବଳେଶ୍ୱରଙ୍କ ପୀଠରେ ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଧବଳେଶ୍ୱର ପୀଠରେ ପ୍ରସ୍ତୁତି ଶେଷ ହୋଇଛି। ଚଳିତ ବର୍ଷ ମଧ୍ୟ ଏହି ପୀଠରେ ମହାଶିବରାତ୍ରି ମହାସମାରୋହରେ ପାଳିତ ହେବ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ ଟ୍ରଷ୍ଟି ବଦ୍ରି ନାରାୟଣ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରବିବାର ମହାଶିବରାତ୍ରି ପର୍ବ ସୁଚାରୁରୂପେ ପାଳନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଭୋର ୩ଟାରୁ ଠାକୁରଙ୍କ ରାତିନୀତି ଆରମ୍ଭ ହେବ। ରାତିନୀତି ପରେ ୪ଟାରୁ ଶ୍ରଦ୍ଧାଳୁଙ୍କ ପାଇଁ ପୂଜା ଏବଂ ଦର୍ଶନ ଚାଲିବ। ମଧ୍ୟାହ୍ନରେ ସ୍ୱଳ୍ପ ସମୟ ପାଇଁ ଦର୍ଶନ ବନ୍ଦ ରହି ପୁଣି ଚାଲିବ। ରାତି ୮ଟା ପର୍ଯ୍ୟନ୍ତ ପୂଜା ଦର୍ଶନ ଚାଲିବ। ପରେ ମହାଦୀପ ଉଠିବା ଏବଂ ହରିହର ଭେଟ ପାଇଁ ପ୍ରସ୍ତୁତି ଆରମ୍ଭ ହେବ। ଗମ୍ଭିରା ସଫା କରିବା ସହ ପ୍ରଭୁଙ୍କୁ ନୂତନ ବସ୍ତ୍ର, କେତକୀ ଫୁଲରେ ସୁସଜ୍ଜିତ କରାଯାଇ ସାଢେ ୧୦ଟାରେ ଠାକୁରଙ୍କ ବେଢା ପରିକ୍ରମା କରାଯିବା ପରେ ହରିହର ଭେଟ କରାଯିବ। ହରିହର ଭେଟ ପରେ ୧୧ ଟାରେ ମହାଦୀପ ଉଠିବ ବୋଲି ଟ୍ରଷ୍ଟି ପକ୍ଷରୁ ସଭ୍ୟ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ରଞ୍ଜନ ସାମନ୍ତରାୟ, ମଳରେଶ ପ୍ରଧାନ, ବସନ୍ତ କୁମାର ମହାପାତ୍ର, ସେବାୟତ ସଂଘର ସଭାପତି ତ୍ରିନାଥ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। ଏଥିନିମନ୍ତେ ମନ୍ଦିରର ସମସ୍ତ ସେବାୟତଙ୍କ ସହଯୋଗ କାମନା କରାଯାଇଛି। ସମସ୍ତ ଶ୍ରଦ୍ଧାଳୁ ଶାନ୍ତି ଶୃଙ୍ଖଳାରେ ପ୍ରଭୁ ଧବଳେଶ୍ୱରଙ୍କ ପୂଜା ଏବଂ ଦର୍ଶନ କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମନ୍ଦିର ବେଢ଼ାରେ ଏବଂ ବାହାର ପୁଷ୍କରଣୀ ଚତୁଃପାର୍ଶ୍ୱରେ ଜାଗର ଦୀପ ଜାଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହିତ ଧବଳେଶ୍ୱର ଦେବଙ୍କ ମହାଶିବରାତ୍ରି ପର୍ବ ପାଳନ ପାଇଁ ପୁଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ପୌର ପ୍ରଶାସନ ସହ ଆଲୋଚନା କରି ସେମାନଙ୍କ ସହଯୋଗ ଟ୍ରଷ୍ଟି ପକ୍ଷରୁ କାମନା କରାଯାଇଛି।

ସେହିପରି ଜିଲ୍ଲାପ୍ରଶାସନ ପକ୍ଷରୁ କେବଳ ଧବଳେଶ୍ୱର, ଗୋପ ଲୋକନାଥଦେବ, ବାଙ୍କୋଇ ଶୈବପୀଠ ଏବଂ ବାଘମାରାସ୍ଥିତ ଅଟ୍ରୀ ହଟକେଶ୍ୱରଙ୍କ ମନ୍ଦିରରେ କିପରି ଭକ୍ତମାନେ ସୁରୁଖୁରରେ ଜାଗର ପାଳନ କରିବେ ତାହା ଉପରେ ପଦକ୍ଷେପ ନିଆଯାଇଥିବାବେଳେ ଅନ୍ୟ ମନ୍ଦିରଗୁଡ଼ିକ ଏଥିରୁ ବାଦ ପଡିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସାମନ୍ତରାପୁରରେ ଥିବା ସିଦ୍ଧେଶ୍ୱର ଶୈବପୀଠ, ସ୍ୱପ୍ନେଶ୍ୱର ଶୈବ ପୀଠ, ପଲ୍ଲାସ୍ଥିତ ଲୋକେଶ୍ୱରପୁର ମହାଦେବ, ରାଧାବଲ୍ଲଭ ସାହିସ୍ଥିତ ଶୈବପୀଠ, ଉପରସାହି ଶୈବ ପୀଠ, ମୁକୁନ୍ଦପ୍ରସାଦ ଶୈବପୀଠ, ବାଜପୁରସ୍ଥିତ ବାଲୁକେଶ୍ୱର ଦେବ ପୀଠ, ଅଣ୍ଡାସ୍ଥିତ ଶାକେଶ୍ୱର ଦେବ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହେବାକୁ ଥିବାବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତୁତ କାର୍ଯ୍ୟ ହୋଇନଥିଲେ ମଧ୍ୟ ଜାଗର ପାଇଁ ଏହି ପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଶିବରାତ୍ରି ପାଇଁ ସହର ଓ ଗ୍ରାମାଞ୍ଚଳ ର ବିଭିନ୍ନ ଛକରେ ଅସ୍ଥାୟୀ ପୂଜା ପସରା ମଧ୍ୟ ଖୋଲିଥିବା ଦେଖିବାକୁ ମିଳିଛି। ଫଳମୂଳ ଭୋଗ ସାମଗ୍ରୀ ସହିତ ବିଭିନ୍ନ ଆକୃତିର ମାଟି ଦୀପ ଘିଅ ସଳିତା ଧରି କିଛି ବ୍ୟବସାୟୀ ଶୈବ ପୀଠ ନିକଟରେ ପସରା ମେଲାଇଛନ୍ତି। ସେହିପରି ବଜାରରେ ଆଜି କିଆ ଫୁଲ ୨୫୦ରୁ ୩୦୦ଟଙ୍କା ବିକ୍ରୀ ହେଉଥିବାବେଳେ ପଳାସ ଫୁଲ ଠୋଲା ୨୦ରୁ ୩୦ ଟଙ୍କାରେ ବିକ୍ରି ହେଉଛି। ତେବେ ଗୁରୁଜଙ୍ଗସ୍ଥିତ ଧବଳେଶ୍ୱରଙ୍କ ପୀଠ, ଗୋପାଲୋକନାଥଙ୍କ ପୀଠ, ବାଙ୍କୋଇ ଶୈବପୀଠ, ବାଘମାରାସ୍ଥିତ ଅଟ୍ରୀ ହଟକେଶ୍ୱରଙ୍କ ପୀଠରେ ଜିଲ୍ଲାପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାଯାଇଛି।

## ଶ୍ରଦ୍ଧାଳୁଙ୍କ ଅପେକ୍ଷାରେ ଶୈବକ୍ଷେତ୍ର

ବାଲୁଗାଁ,୧୪।୨(ସମିସ): ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବ ପୀଠ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ରବିବାର ଜାଗର ଯାତ୍ରା ଆଡମ୍ବର ସହକାରେ ପାଳନ ନିମନ୍ତେ ପ୍ରଶାସନ ତରଫରୁ ସେବାୟତ ମାନଙ୍କୁ ନେଇ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ରାତ୍ର ତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାକୁ ଥିବା ବେଳେ ରାତ୍ର ୯ଘଟିକା ସମୟରେ ମହାଦେବଙ୍କ ବେଢା ପରିକ୍ରମା ପରେ ଶେଷ ପ୍ରହରରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି। ପୀଠ ମାନଙ୍କରେ ପ୍ରବଳ ଜନସମାଗମ ହେବାକୁ ଥିବାରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ସେହିଭଳି ରଞ୍ଜନପୁରସ୍ଥିତ ଗଡପଦର ବିଜେ ରାମେଶ୍ୱର ଦେବଙ୍କ ପୀଠ, ଶିଙ୍ଗାଖଣ୍ଡସ୍ଥିତ ଶିଙ୍ଗାନାଥ ଦେବ, ଧୂଆଁଳି ସ୍ଥିତ ଧବଳେଶ୍ୱର ପୀଠ, ମଠପୁର ସ୍ଥିତ କଳିଯୁଗେଶ୍ୱର ଦେବଙ୍କ ପୀଠ, ନାଚୁଣୀ ସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ବାଣପୁର ଗାଲୁଆସ୍ଥିତ ଗୁପ୍ତେଶ୍ୱର ଦେବଙ୍କ, ଗଡିଶିର ଦେବ, କପିଳେଶ୍ୱର ଦେବ, ବାଲୁକେଶ୍ୱର ଦେବ, ଭେଟିନାଥ ଦେବ ଓ ଦକ୍ଷେଶ୍ୱର ଦେବ ଆଦି ଶୈବପୀଠ ଗୁଡିକରେ ଜାଗର ଯାତ୍ରା ଆଡମ୍ବର ସହ ପାଳନ ହୋଇଥିବାରୁ ମନ୍ଦିର ଗୁଡିକୁ ସୁସଜ୍ଜିତ ହୋଇଥିବା ସହ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## କଂଗ୍ରେସ ବ୍ଲକ ସଭାପତି ହେଲେ ମହମ୍ମଦ ମୋହିଉଦ୍ଦିନ

ବେଗୁନିଆ,୧୪।୨(ସମିସ): ବେଗୁନିଆ ବ୍ଲକର କଂଗ୍ରେସ ଦଳର ସଭାପତି ଭାବେ ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ(ସିଲୁ ଭାଇ) ଦାୟିତ୍ୱ ଗ୍ରହଣ କରିଛନ୍ତି। କଂଗ୍ରେସ ଦଳର ସଙ୍ଗଠନକୁ ତୃଣମୂଳ ସ୍ତରରୁ ସଜାଡି ଆଗକୁ ନେବା ପାଇଁ ଯୁବ ନେତୃତ୍ୱଙ୍କୁ ଦାୟିତ୍ୱ



ଦେଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି। ସଂଖ୍ୟା ଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରି ଦକ୍ଷତାର ପ୍ରମାଣ ଦେଖାଉ ଥିବାରୁ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ନିକଟରେ ସେ ପ୍ରିୟଭାଜନ ହୋଇ ପାରିଛନ୍ତି।

## ବ୍ରାଉନ୍‌ସୁଗର ଜବତ, ୩ ଗିରଫ

ଖୋର୍ଦ୍ଧା,୧୪।୨(ସମିସ): ସହର ଉପକଣ୍ଠ ପୁରୁସାହି ପାର୍କ ଠାରେ ଆଦର୍ଶ ଥାନା ପୁଲିସ ଚଢଉ କରି ୩ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫମାନେ ସ୍ଥାନୀୟ ଗାନ୍ଧିପଡିଆର ଅଭିଜିତ ନାୟକ (୨୧), ପୁରୁସାହିର ଧର୍ମଦତ ପ୍ରଧାନ (୧୯) ଏବଂ ସ୍ୱପ୍ନେଶ୍ୱର ସାହିର ବଳଭଦ୍ର ପରିଡା (୧୯)। ସେମାନଙ୍କଠାରୁ ପୁଲିସ ୧୫ଗ୍ରାମ ବ୍ରାଉନସୁଗର, ୨ଟି ବାଇକ୍ ଓ ୩ଟି ମୋବାଇଲ ଫୋନ୍ ଜବତ କରିଛି। ଜବତ ବ୍ରାଉନସୁଗରର ମୂଲ୍ୟ ଦେଢଲକ୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି। ଏ ନେଇ ପୁଲିସ ୮୧/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।



ପୁରୁସାହି ପାର୍କ ନିକଟରେ ବ୍ରାଉନସୁଗର ବେପାର ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଆଦର୍ଶ ଥାନା ପୁଲିସ ର ଏକ ଟିମ୍ ଏସଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢଉ କରିଥିଲେ। ପୁଲିସ କୁ ଦେଖି ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ସେମାନଙ୍କୁ କାବୁ କରି ଯାଂଚ କରିବାରେ ବ୍ରାଉନସୁଗର ଜବତ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି।

## ସମାଜସେବୀଙ୍କ ପରଲୋକ

ଚିଲିକା,୧୪।୨(ସମିସ): ବାଣପୁର ବ୍ଲକ ଅନ୍ତର୍ଗତ ସୁନାଖଳା ଗ୍ରାମର ବିଶିଷ୍ଟ ବ୍ୟକ୍ତି ତଥା କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରୁଥିବା ଭାଗିରଥି ଚାରିଟେବଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ହୃଦାନନ୍ଦ ନରେନ୍ଦ୍ରଙ୍କ ମଧ୍ୟମ ପୁତ୍ର ସମାଜସେବୀ ସୁକାନ୍ତ କୁମାର ନରେନ୍ଦ୍ରଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। କିଛି ଦିନ ଧରି ସେ କିଡନୀ ଜନିତ ରୋଗରେ ଅସୁସ୍ଥ ଥାଇ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ତଥା ଟ୍ରଷ୍ଟର ସମ୍ପାଦକ ବ୍ରହ୍ମାନନ୍ଦ ନରେନ୍ଦ୍ର ମୁଖାଗ୍ନି ଦେଇଥିଲେ। ଅନ୍ୟତମ ପୁତ୍ର ଶିବାନନ୍ଦ, ପୁତ୍ରବଧୂ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ସ୍ୱର୍ଗତ ବସନ୍ତ ନାୟକଙ୍କ ସେ ହେଉଛନ୍ତି ଶାଳକ ଏବଂ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଭଉଣୀ ପ୍ରିୟଦର୍ଶିନୀଙ୍କ ଶଶୁର।



ତାଙ୍କ ବିୟୋଗରେ ରାଜ୍ୟସଭା ସଦସ୍ୟ ମାନସ ରଂଜନ ମଙ୍ଗରାଜ, ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଭାଗିରଥୀ ଚାରୀଟେବୁଲ୍ ଟ୍ରଷ୍ଟର ଉପସଭାପତି ଶୁଭେନ୍ଦୁ କୁମାର ରାଉତରାୟ, ସହ-ସମ୍ପାଦକ ମନୋଜ ମୋହନ ବରାଳ, ସାମ୍ବାଦିକ ଭିକାରୀ ଚରଣ ପ୍ରଧାନ, ଦିଲ୍ଲୀପ କୁମାର ଶତପଥୀ ଓ ପ୍ରଦ୍ୟୁମ୍ନ ରଞ୍ଜନ ସୁଆର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ



ବେଗୁନିଆ,୧୪।୨(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ସରସ୍ୱତୀ ଶିଶୁ ମନ୍ଦିରରେ ଦୁଇ ଦିନ ଧରି ଚାଲିଥିବା ଅଷ୍ଟାଦଶ ଦୀକ୍ଷାନ୍ତ ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଭୁବନେଶ୍ୱର ଦୂର ସଂଚାର ବିଭାଗର ଉପଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଓ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ଉତ୍ତମ ଶିକ୍ଷା ଲାଭ କରି ଦେଶ ଓ ଜାତିର ଟେକ ରଖିବା ପାଇଁ ମତ ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମନ ରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୱତ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟନୀ ଉତ୍ସବରେ ବେଗୁନିଆ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ଅମୂଲ୍ୟ କୁମାର ବାହିନୀପତି ମୁଖ୍ୟଅତିଥି, ଓଡ଼ିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଡ. ବାମଦେବ ବରାଳ ବିଶିଷ୍ଟ ଅତିଥି, ଶିକ୍ଷା ବିକାଶ ସମିତିର ଖୋର୍ଦ୍ଧା ଜିଲ୍ଲା ସଙ୍କୁଳ ପ୍ରମୁଖ ଡ଼ଃ ନଳିନୀ କାନ୍ତ ପଣ୍ଡା ବିଶିଷ୍ଟ ଅତିଥି ଓ ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ନୀରଦ ଚନ୍ଦ୍ର ଆର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟା ମମତା ରାଣୀ ସାହୁ, ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ଓ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ସହଯୋଗ କରିଥିଲେ।

## ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର

ଖୋର୍ଦ୍ଧା,୧୪।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁସନ୍ଧାନ ଭିତ୍ତିକ ଶିକ୍ଷଣ ଓ ସଂସ୍କୃତି ଆଧାରିତ ଶିକ୍ଷାଦାନ ପ୍ରକ୍ରିୟା ବିଷୟବସ୍ତୁ ଉପରେ ଏହି ଆଲୋଚନାଚକ୍ରରେ ସମଗ୍ର ଜିଲ୍ଲାରୁ ୮୦ଜଣ ଶିକ୍ଷକ ଯୋଗଦେଇ ଥିଲେ। ୨୦ଜଣ ଶିକ୍ଷକ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ।

ଆଲୋଚନାଚକ୍ରର ଉଦଘାଟନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ . ପ୍ରଜ୍ଞା ପାରମିତା ଜେନା ଯୋଗଦେଇ ଶିକ୍ଷାକମାନେ କିପରି ପିଲାମାନଙ୍କ ମନରେ ଅନିସନ୍ଧିତ୍ସୁ ମନୋବୃତ୍ତିର ବିକାଶ ହୋଇପାରିବ ତାହା କହିଥିଲେ। ଏଥିରେ ଢେଙ୍କାନାଳ ଡ଼ି.ଆଇ.ଇ ଟିର ପୂର୍ବତନ ଅଧ୍ୟକ୍ଷ ଡ. ସୁସନ୍ଧ୍ୟା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉଭୟ ଦିବସ ରେ ୨୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ସେମାନେ ବିଦ୍ୟାଳୟରେ କରିଥିବା ଅଭିନବ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ।

ଦୁଇ ଦିନରେ ଭିନ୍ନ ଭିନ୍ନ ଅଧିବେଶନ ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରବଣ ବାଗ, ନଳିନୀ ଦେବୀ ବି. ଇଡ଼ି କଲେଜର ଅଧ୍ୟାପିକା ଡ଼ ରୂପମ ପ୍ରିୟା , ରାଜଧାନୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସୂଚଉସମିତ ବଳ , ଏସ.ସି .ଇ ଆର.ଟି ର ସହ ନିର୍ଦ୍ଦେଶକ ଡ. ପ୍ରସନ୍ନ କୁମାର ସାହୁ ଓ ଲିପିକା ସାହୁ, ଅନୁଗୁଳ ବି. ଇଡ଼ି କଲେଜ ର ଅଧ୍ୟାପିକା ଡ. ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼. ତାପସ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ପରିଚାଳନା କରିଥିଲେ ଅନୁଷ୍ଠାନର ପ୍ରଶିକ୍ଷକ ମୋନାଲିସ ପଣ୍ଡା, ମୌସୁମୀ ମହାନ୍ତି, ଦୀପ୍ତିପ୍ରଭା ଦାସ, ରଶ୍ମୀରେଖା ସ୍ୱାଇଁ, ବୀଣାପାଣି ପାଢୀ, ଆଏଶା ତନବୀର, ମହେଶ କୁମାର ବେହେରା, ମଞ୍ଜୁଲତା ହାସଦା, ଅକ୍ଷୟ କୁମାର ମହାନ୍ତି। ଶେଷରେ ପ୍ରଶିକ୍ଷକ ଶିକ୍ଷା ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ।

## କାଡ଼ା କେନାଲ ନିର୍ମାଣ ଦାବିକଲେ ଚାଷୀ

ଭୂଷଣ୍ଡପୁର,୧୪।୨(ସମିସ): ଲେଣ୍ଡୋ ପଞ୍ଚାୟତ ଅଧିନସ୍ଥ ଭଗବତୀପଡାସ୍ଥିତ ସାନ ସାମନ୍ତରାପୁର ଅଞ୍ଚଳରେ ରହିଛି ୩୫ ହେକ୍ଟର ଚାଷ ଜମି। ଯେଉଁ ଜମିରେ ବିଗତ ଦିନରେ ଧାନ ଚାଷ ଉଠିଯିବା ପରେ ଅନ୍ୟାନ୍ୟ ସବୁଜ ପନିପରିବା ଚାଷ ହେଉଥିଲା। ହେଲେ କିଛିବର୍ଷଧରି ବିଭିନ୍ନ କାରଣରୁ ଜଳ ସେଚନ ଅସୁବିଧା କାରଣରୁ ଫସଲ ଉତ୍ପାଦନରେ ବାଧକ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଚାଷୀଙ୍କ ଅଭିଯୋଗ ପରେ ଗତବର୍ଷ ମଲାଗୁଣି ନଦୀ ସଂଲଗ୍ନ ତାଳପଡା ମେନ କେନାଲରୁ ବିଭାଗ ପକ୍ଷରୁ ଜମିରେ ଜଳସେଚନର ସୁବିଧା ନିମନ୍ତେ ୨୫ହେକ୍ଟର ଜମିରେ ଏହି କାଡା ନାଳ ନିର୍ମାଣ କରାଯାଇଥିଲା। ଏହା ନିର୍ମାଣ ପରେ ଉପରୋକ୍ତ ଜମି ଗୁଡିକ ନିମନ୍ତେ ସିନା ଜଳ ସେଚିତ ହୋଇପାରିଲା। ହେଲେ ଏଥିରୁ ଅବଶିଷ୍ଟ ପ୍ରାୟ ୧୦ହେକ୍ଟରରୁ ଉର୍ଦ୍ଧ ଜମି



ବଂଚିତ ହୋଇଗଲା। ଫଳରେ ଜଳ ସେଚନ ଅଭାବରୁ ଧାନ ଫସଲ ଉଠିଯିବା ପରେ ଜମି ଗୁଡିକ ଏବେ ପଡିଆ ପଡିଛି। ଯଦି ଅବଶିଷ୍ଟ ଜମି ଗୁଡିକରେ କାଡା ନାଳ ନିର୍ମାଣ ହୋଇ ପାରନ୍ତା ତେବେ ସ୍ଥାନୀୟ ଚାଷୀକୁଳ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ରୂପାକର ଖୁଣ୍ଟିଆ, କାଳିଆ ରାଉତରାୟ ଅଭିଯୋଗ କରିଛନ୍ତି। ଏହି ଜମି ଉପରେ ଚାଷବାସ କରି ନିର୍ଭର କରି ଚଳି ଆସୁଥିବା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଲଛମନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଚମ୍ପତି, କସ୍ତୁରୀ ବିଶ୍ୱାଳ ପ୍ରମୁଖ ଚାଷୀ ନିବେଦନ କରିଛନ୍ତି।

## ୧୨ଟି ୱାର୍ଡକୁ ନେଇ ଗଠିତ ହେଲା ଟାଙ୍ଗୀ ଏନ୍‌ଏସି

ଟାଙ୍ଗୀ,୧୪।୨(ସମିସ): ରାଜ୍ୟରେ ଘୋଷଣା ହୋଇଥିବା ୨୮ ଏନଏସି ଓ ୭ ପୌରପାଳିକାରେ ନିର୍ବାଚନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ସୀମା ନିର୍ଧାରଣ ଓ ସଂରକ୍ଷଣ ପ୍ରକ୍ରିୟାର ତାଲିକା ପ୍ରକାଶ ପାଇଛି। ଟାଙ୍ଗୀ ଏନଏସି ୧୨ଟି ୱାର୍ଡକୁ ନେଇ ଗଠନ କରାଯାଇଛି। ଏଥିମଧ୍ୟରୁ ୬ଟି ୱାର୍ଡ ଯଥା ୩, ୫, ୬, ୮, ୯, ୧୨ ନମ୍ବର ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ କରାଯାଇଛି। ୩ ନମ୍ବର ୱାର୍ଡ ଅନୁସୂଚିତ ଜାତି ମହିଳା , ୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି ମହିଳା ଓ ୬,୮,୯ ଓ ୧୨ ନମ୍ବର ୱାର୍ଡ ସାଧାରଣ ବର୍ଗ ମହିଳାଙ୍କ ପାଇଁ ରହିଛି। ସେହିପରି ୱାର୍ଡ ନଂ ୨,୪,୭,୧୦,୧୧ ସାଧାରଣ ବର୍ଗ (ଅଣ ସଂରକ୍ଷଣ ) କରାଯାଇଛି। ୧ ନଂ ୱାର୍ଡଟି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ରଖାଯାଇଛି।ସୀମା ନିର୍ଧାରଣ ଓ ସଂରକ୍ଷଣ ସଂପର୍କରେ ଜନସାଧାରଣଙ୍କ ତରଫରୁ ପ୍ରସ୍ତାବ ଓ ଆପତି ଗ୍ରହଣ ଫେବୃଆରୀ ୨୧ ତାରିଖ ମଧରେ ଜିଲା ପ୍ରଶାସନ ନିକଟରେ ଜଣାଇବା ପାଇଁ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ତାରିଖ ପରେ କୌଣସି ପ୍ରସ୍ତାବ ଓ ଆପତି ଶୁଣାଯିବ ନାହିଁ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏ ସଂପର୍କିତ ଚିଠି ଜିଲାପାଳଙ୍କ କାର୍ଯ୍ୟାଳୟ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରଙ୍କ କାର୍ଯ୍ୟାଳୟ, ପୌର ବିଭାଗ ନିର୍ଦ୍ଦେଶକ ଓ ନଗର ଉନ୍ନୟନ ବିଭାଗକୁ ଅବଗତ କରାଯାଇଛି।

## ବିଦ୍ୟାଳୟରେ ମାତୃପିତୃ ପୂଜନ କାର୍ଯ୍ୟକ୍ରମ



ଟାଙ୍ଗୀ,୧୪।୨(ସମିସ) : ନୟାଗଡ଼ ଜିଲ୍ଲା କନ୍ଧନୟାଗଡ ସ୍ଥିତ କଳିଙ୍ଗ ଭାରତୀ ବିଦ୍ୟାନିକେତନ ଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ମାତୃ ପିତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ପିତା ମାତାଙ୍କ ସହିତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ନାୟକ, ବନଜା ପଟ୍ଟନାୟକ, ଏସ୍. କେ ପଟ୍ଟନାୟକ, ଭାଗିରଥି ମହାପାତ୍ର, ଭଗବାନ ଗୁରୁ ଓ ପ୍ରଦୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଦୀପକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳାମ୍ବୁ ମହୋତ୍ସବ ଉଦ୍‌ଯାପିତ

ଟାଙ୍ଗୀ,୧୪।୨(ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡିଆରେ ଅନୁଷ୍ଠିତ ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବ ଉଦଯାପିତ ହୋଇଯାଇଛି। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ଇଂଜିନିୟର ଶିଶିର ନାୟକ, ଚଳଚିତ୍ର ଅଭିନେତା କେଦାର ମିଶ୍ର, ଅଭିନେତା ଅକ୍ଷୟ ବସ୍ତିଆ, ଚଳଚିତ୍ର ପ୍ରଯୋଜକ ନୀଳମଣୀ ସାହୁ, ନୟାଗଡ ଜିଲ୍ଲା ବିଜେପି ସଭାପତି ତାପସ ରଂଜନ ମାର୍ଥା, ଶିଳ୍ପୋଦ୍ୟୋଗୀ ଅଜିତ କୁମାର ମହାପାତ୍ର, ସଂପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଚିଲିକା ବିଧାୟକଙ୍କ ସୁପୁତ୍ର ସମାଜସେବୀ ବିଭୁଦ ଭୁଷଣ ହରିଚନ୍ଦନ, ଯୁବ ଶିଳ୍ପୋଦ୍ୟୋଗୀ ଅଶ୍ୱିନୀ କୁମାର ପାତ୍ର, ବିପିନ ବିହାରୀ ନାୟକ, ଫାର୍ମାସୀ ଅଫିସର ଶକ୍ତିନାଥ ତରାଇ,ରାମଚଣ୍ଡୀ ନୋଡାଲ ହାଇସ୍କୁଲ ଚେୟାରମ୍ୟାନ ବଦ୍ରିନାରାୟଣ ଚୌଧୁରୀ, ଚଳଚିତ୍ର ଅଭିନେତା କେଦାର ମିଶ୍ର, ଅକ୍ଷୟ ବସ୍ତିଆ,ଚଳଚିତ୍ର ପ୍ରଯୋଜକ ନୀଳମଣି ସାହୁ,ମଞ୍ଚ ସଂଯୋଜକ ତଥା ସଂଗୀତ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଉଦଘୋଷକ ଭାବେ ଅଧ୍ୟାପକ ସତ୍ୟନାରାୟଣ ମହାନ୍ତି କାର୍ଯ୍ୟ ସଂପାଦନ କରିଥିଲେ।



## ଆଜି ଲଳିତା ପାଟପୁରରେ ସ୍ୱାସ୍ଥ୍ୟ ଶିବିର

ନିରାକାରପୁର,୧୪।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଲଳିତା ପାଟପୁର ଗ୍ରାମରେ ବୃନ୍ଦାବନ ଚନ୍ଦ୍ର ଦେବ ମାଗଣା ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ମାସ ୨ୟ ରବିବାର ଓ ୪ର୍ଥ ରବିବାର ଦିନ ଏହି ସେବା ଯୋଗାଇ ଦିଆଯିବ ବୋଲି ଗ୍ରାମବାସୀ ନିଶ୍ଚିତ କରିଛନ୍ତି। ଅଭିଜ୍ଞ ଡାକ୍ତରମାନେ ଆସି ପହଞ୍ଚିବେ ଏବଂ ଦିବା ୩ଘଟିକା ପର୍ଯ୍ୟନ୍ତ ଶିବିର ଚାଲୁ ରହିବ। ବରିଷ୍ଠ ଡାକ୍ତର ବି.ଏନ. ତ୍ରିପାଠୀଙ୍କ ସହିତ ଅନ୍ୟାନ୍ୟ ବିଭାଗର ଡାକ୍ତରମାନେ ଯୋଗ ଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ସେହି ଗ୍ରାମର ଦୁଃଖିଶ୍ୟାମ ମହାପାତ୍ର ଏହାକୁ ସଫଳ ରୂପାୟନ ଦେବା ନିମିତ୍ତ ଦାୟିତ୍ୱ ନେଇଛନ୍ତି।

# ଗୋଟିଏ ରାତିରେ ୮ ମନ୍ଦିରରୁ ଚୋରି

ବାଲୁଗାଁ,୧୪।୨(ସମିସ)



ବାଲୁଗାଁ ଏନଏସି ଅଧୀନ ୫ଟି ସ୍ଥାନରେ ଅବସ୍ଥିତ ୮ଟି ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରା ମାନେ ସିରିଜ ଲୁଟ କରି ଲକ୍ଷାଧିକ ଟଙ୍କାର ସୁନା ରୂପା ଅଂଳଙ୍କାର ସମେତ ମନ୍ଦିର ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଦାତା ଦେଇଥିବା ଦାନ ଅର୍ଥ ଲୁଟି ନେଇଛନ୍ତି ଲୁଟେରା। ବିଳମ୍ବିତ ରାତ୍ରରେ ସାନ୍ତରାପୁର ସାହିସ୍ଥିତ ଗୋଟିଏ ପରିସରରେ ଅବସ୍ଥାପିତ ଶ୍ରୀ ଦଧିବାମନ ଦେବ, ବୀରହନୁମାନ ଦେବ, ଶ୍ରୀ ଗୁପ୍ତେଶ୍ୱର ଦେବ ଓ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦରର କବାଟ ତାଲା ଭାଙ୍ଗି ଭିତରେ ପଶି ଦେବଦେବୀଙ୍କ ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସମେତ ମନ୍ଦିରର ଦାନ ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଟଙ୍କା ସବୁ ଲୁଟି ନେଇଛନ୍ତି। ଅନୁରୂପ ଭାବେ ବାଲୁଗାଁ ବଜାରର ଏନଏସି ଅଡିଟୋରିୟମ ହଲ ନିକଟସ୍ଥ ମା' କାଳୀଜାଇ ମନ୍ଦିର, ଚିଲିକା ରୋଡ଼ ପାଶ୍ୱର୍ ଗାନ୍ଧି ନଗର ସ୍ଥିତ ଗିରିଦୁର୍ଗା ମନ୍ଦିର, ବିଦ୍ୟାଧରପୁର ସାହି ସ୍ଥିତ ମା ଖିଲାମୁଣ୍ଡା ଦେବୀ ମନ୍ଦିର, ସରଳାପଦର ଛକ ନିକଟସ୍ଥ ମା' ଉତ୍ତରାୟଣୀ ମନ୍ଦିରରୁ ଶୁକ୍ରବାର ବିଳମ୍ବିତ ରାତ୍ରରେ କେହି ଦୁର୍ବୃତ୍ତ ମନ୍ଦିରର କବାଟ ତାଲା ଲକ୍ଷାଧିକ ଟଙ୍କାର ସୁନା ରୂପା ଅଳଙ୍କାର ସହ ଦାନ ହୁଣ୍ଡି ବାକ୍ସକୁ ଭାଙ୍ଗି ଦାନ ଟଙ୍କା ଲୁଟି ନେଇଛନ୍ତି। ଶନିବାର ସକାଳୁ ସମସ୍ତ ମନ୍ଦିରର ପୂଜକ ମାନେ ଆସି ଦେଖିଲା ବେଳକୁ ମନ୍ଦିରର କବାଟ ତାଲା ଭଙ୍ଗା ଯାଇ ଥିବା ସହ ଦାନ ବାକ୍ସ ଭଙ୍ଗା ଯାଇଥିବାର ଦେଖିବାକୁ ପାଇ ଚୋରି ସମ୍ପର୍କରେ ଜାଣିବାକୁ ପାଇ ଗ୍ରାମବାସୀଙ୍କୁ ଜଣାଇ ଥିବା ବେଳେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବାଲୁଗାଁ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଥାନା ଅଧିକାରୀ ଜୟପ୍ରକାଶ ପରିଡା ପୁଲିସ ଟିମ୍ ସହ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମର ସହାୟତାରେ ତଦନ୍ତ ଜାରି ରଖିଥିବା ବେଳେ ଚୋରି ଯାଇଥିବା ସ୍ଥନର ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛନ୍ତି, ଯଥାଶୀଘ୍ର ଲୁଟେରା ମାନେ ଧରାପଡିବେ ବୋଲି ପୁଲିସ କହିଛି।

